ଓଡ଼ିଆ ଇ-ପତ୍ରିକା

ଡିସେମ୍ବର ୨୦୨୧

ଶୁଭପଲ୍ଲବ

ତୃତୀୟ ସଂସ୍କରଣ



https://shubhapallaba.in @Shubhapallaba www.shubhapallaba.com

୨୦୧୮ ନବବର୍ଷ ଦିନ ସମ୍ପୂର୍ଣ୍ଣ ଓଡ଼ିଆ ଭାଷାରେ ଓଡ଼ିଆ ଲୋକଙ୍କ ଦ୍ୱାରା ରଚିତ କିଛି ଗଳ୍ପ, ପ୍ରବନ୍ଧ ଏବଂ କବିତାକୁ ନେଇ ପ୍ରକାଶ ପାଇଥିଲା ଏହି ପତ୍ରିକାଟିର ପ୍ରଥମ ସଂସ୍କରଣ । ପରବର୍ତ୍ତୀ ସମୟରେ ଏହାର ନାମ "**ଶୁଭପଲ୍ଲବ**"କୁ ପରିବର୍ତ୍ତନ କରାଯାଇଥିଲା । ପତ୍ରିକାଟିର ପୁନଃନାମକରଣ କରିଥିଲେ **ପଣ୍ଡିତ ଶ୍ରୀଯୁକ୍ତ ଭାଗିରଥୀ ନନ୍ଦଶର୍ମା** ମହୋଦୟ । ପୂର୍ବ **୩୨ଟି ଯାକ** ସଂସ୍କରଣର ଲେଖା ସହ ଏବେ ଆମେ **ଆମର ୱେବ୍‌ସାଇଟ୍** ମଧ୍ୟ କାର୍ଯ୍ୟ କରୁଛି । ଏଥର ଅଧିକ ସଂଖ୍ୟକ ପାଠକ ଏବଂ ଲେଖକମାନଙ୍କ ସହ ଯୋଡ଼ି ହୋଇ ରହିବୁ ବୋଲି ଆମର ଆଶା ।

ପତ୍ରିକାରେ ପ୍ରକାଶ ପାଇଥିବା ଲେଖାଗୁଡ଼ିକ ମଧ୍ୟ ଶୁଣିବାପାଇଁ **ୟୁ-ଟ୍ୟୁବ୍**‌ରେ ଉପଲବ୍ଧ । ଏହାଛଡ଼ା ଆମର ୱେବ୍ ପୋର୍ଟାଲ୍ ଓଡ଼ିଆ ସମେତ ଇଂରାଜୀ, ସଂସ୍କୃତ, ହିନ୍ଦୀ, ପଞ୍ଜାବୀ, ତେଲୁଗୁ ଓ ବଙ୍ଗଳା ଭାଷାରେ ଉପଲବ୍ଧ, ଯେଉଁଥିରେ ବାହାର ଅନେକ ନୂଆ ନୂଆ ଲେଖକଲେଖିକା ଆମ ପରିବାର ସହ ଯୋଡ଼ିହେଲେଣି । ଏହି ବର୍ଷ ଆଗକୁ ଆହରି ବଢ଼ିବାର ଆଶା ରଖିଛୁ ।

ଶୁଭପଲ୍ଲବ ଏବେ ମାସିକ ପତ୍ରିକା ଭାବରେ ପ୍ରକାଶ ପାଉଛି । **ଆଗାମୀ ସଂସ୍କରଣ ପାଇଁ ସମ୍ପାଦକ ତାପସ ରଞ୍ଜନଙ୍କ ଦ୍ୱାରା କିଛି ବଛାଲେଖା ପ୍ରକାଶ କରାଯିବ** ଏବଂ ଅନ୍ୟାନ୍ୟ ଲେଖାଗୁଡ଼ିକୁ ଆମର ୱେବ୍‌ସାଇଟ୍‌ରେ ପ୍ରକାଶ କରାଯିବ । **ପ୍ରତ୍ୟେକ ମାସର ୧ ତାରିଖରେ ପତ୍ରିକା ପ୍ରକାଶ ପାଇବ** ଏବଂ **୧୦ ତାରିଖ ମଧ୍ୟରେ ଆସନ୍ତା ମାସ ପାଇଁ ଲେଖା ଗ୍ରହଣ କରାଯିବ** ।

ଏହି ପତ୍ରିକାଟି ଇ-ପତ୍ରିକା ହୋଇଥିବାରୁ ଏହାକୁ ପଢ଼ିବାକୁ କୌଣସି ମୂଲ୍ୟ ଲାଗିବ ନାହିଁ ଏବଂ ଲେଖକମାନଙ୍କୁ କୌଣସି ମୂଲ୍ୟ ପ୍ରଦାନ କରାଯାଇନାହିଁ । ପତ୍ରିକାରେ ପ୍ରକାଶିତ ଲେଖାଗୁଡ଼ିକ ଇ-ମେଲ ମାଧ୍ୟମରେ ଗ୍ରହଣ କରାଯାଇଛି । ପତ୍ରିକାରେ ସ୍ଥାନିତ ଲେଖାଗୁଡ଼ିକର ଉତ୍ତରଦାୟୀ ଲେଖକମାନେ ନିଜେ ଏବଂ ପ୍ରକାଶିତ ସମସ୍ତ ଲେଖାର ସତ୍ତ୍ୱାଧିକାର କେବଳ ଲେଖକମାନଙ୍କର । ପ୍ରକାଶିତ କୌଣସି ଲେଖାର ପୁନଃ-ପ୍ରକାଶନ ପାଇଁ ଲେଖକମାନଙ୍କର ଅନୁମତି ନିତ୍ୟାନ୍ତ ଆବଶ୍ୟକ ।

ଶୁଭପଲ୍ଲବ

Odia Website: shubhapallaba.in
WhatsApp: 7008899643



ସଂଗ୍ରାମ କେଶରୀ ସେନାପତି
(ସମ୍ପାଦକ)



ତାପସ ରଞ୍ଜନ
(ସମ୍ପାଦକ)

ସମ୍ବିତ ଦାସ
(ଅଳଂକରଣ)

ବିଶେଷ ସୂଚନା

ଶୁଭପଲ୍ଲବ ଇ-ପତ୍ରିକାର ସାହିତ୍ୟ ବିଭାଗ ସବୁବେଳେ ମୁକ୍ତ ଭାବରେ ପାଠକମାନଙ୍କ ପାଖରେ ପହଞ୍ଚୁଛି, ଫଳରେ ଅନେକଙ୍କ ଦ୍ୱାରା ଆଦୃତ ମଧ୍ୟ ହୋଇଛି । ମାତ୍ର ଏହି କାର୍ଯ୍ୟକୁ ଜାରି ରଖିବା ପାଇଁ କିଛି ଅର୍ଥ ବିନିଯୋଗ ଆବଶ୍ୟକ ପଡୁଛି । ଫଳରେ ଅର୍ଥ ଯୋଗାଡ଼ କରିବା ପାଇଁ ଶୁଭପଲ୍ଲବ ଷ୍ଟୋର୍ ଭାବରେ ଏକ ଅନ୍‌ଲାଇନ୍ ଷ୍ଟୋର ଆରମ୍ଭ କରିଛୁ, ଯେଉଁଥିରେ ଓଡ଼ିଶାର ହସ୍ତତନ୍ତ ମାସ୍କ, ଟି-ସାର୍ଟ ଭଳି କିଛି ଜିନିଷ ଏବେ ଉପଲବ୍ଧ ହେଉଛି ।

ଆପଣମାନଙ୍କର ସହଯୋଗରେ ଯେପରି ଶୁଭପଲ୍ଲର ପତ୍ରିକା ଓ ପୋର୍ଟାଲ ଜନାଦୃତ ହୋଇଛି, ସେହିଭଳି ଏହି ନୂଆ ପଦେକ୍ଷେପରେ ମଧ୍ୟ ଆପଣଙ୍କର ସହଯୋଗ ଲୋଡୁଛୁ ।

- ସଂଚାଳକ ପରିଷଦ



ଶୁଭପଲ୍ଲବ ପ୍ରକାଶନର

ଦ୍ୱିତୀୟ ମୁଦ୍ରିତ ପୁସ୍ତକ

ରାଜେଶ କୁମାର ବାରିକଙ୍କ

ବିଶ୍ୱାସ

ଶୁଭପଲ୍ଲବ ଷ୍ଟୋରରେ ଉପଲବ୍ଧ

(at ₹149/- only)

Buy Now!

ସୂଚୀପତ୍ର

କ୍ର. ସଂ.	ବିଷୟ	ଲେଖକ/ଲେଖିକା	ପୃଷ୍ଠା
୧	ସମ୍ପାଦକୀୟ	ତାପସ ରଞ୍ଜନ	୬
୨	ମିଡିଆ	ରୋଜାଲିନ ପରିଡ଼ା	୭
୩	ଗଳ୍ପକାନ୍ଥି	ଚନ୍ଦ୍ରକାନ୍ତି ପ୍ରଧାନ	୮
୪	ପ୍ରତୀକ୍ଷା	କ୍ରିଷ୍ଣା ମିଶ୍ର	୧୪
୫	ନିରବ	ମମତା ସାହୁ	୧୫
୬	ସେ ମୋ ଡାଏରୀ	ସୁନିତ ପଟେଲ	୧୬
୭	ଯୋଡ଼ି	ଆଶୁତୋଷ ମହେର	୧୭
୮	ମାନବିକତା	ଶୁଭଲକ୍ଷ୍ମୀ ନାୟକ	୧୮
୯	ବିଶ୍ୱ ବିଜୟୀ	ବିନୟ ମହାପାତ୍ର	୨୦
୧୦	କରୁଣା	ବିଶ୍ୱନାଥ କିଙ୍କର ରାଉତ	୨୧
୧୧	କାକର	ସଂଜୀବ କୁମାର ଦାଶ	୨୪
୧୨	ଜେଜେ ନାତିର ଯୋଡ଼ି	ଝରଣା ପ୍ରଧାନ	୨୬
୧୩	ମରଣ ମୋ ପାଇଁ	ଅନସୂୟା ପଣ୍ଡା	୩୧
୧୪	ସିଦ୍ଧେଶ୍ୱରଙ୍କ ସାରଳା ମହାଭାରତ	ଦେବବ୍ରତ ଦାସ	୩୫
୧୫	ମିଠା ସିହରଣ	ସରୋଜ କୁମାର ସାହୁ	୩୮
୧୬	ଅତଳ ସାଗର	ସୁଷମା ପରିଜା	୩୯



Download ShubhaVani App

click to download

ଓଡ଼ିଆ କବିତା, କାହାଣୀ, ଧାରାବାହିକ, ଇତ୍ୟାଦି

ଶୁଣିପାରିବେ

ସମ୍ପାଦକୀୟ...

ଖୁସି... କେବେ କଅଁଳ ଶିଶୁର ଦରୋଟି ହସ ତ କେବେ ମା'ର ମିଠା ଗାଳି; କେବେ ମେଘ ବାଦଲର ଉହାଡ଼ରେ ପାହାଡ଼ର ଲୁଚକାଳି ଖେଳ ତ କେବେ କାକର ବୋଲା ଶୀତ ସକାଳର ଶୋରିଷ ଫୁଲର ଚଗଲାମୀ । ଖୁସି କେବେ ପ୍ରିୟା ଆଖିରେ ଦୁଷ୍ଟାମୀର ଇଶାରା ତ ପୁଣି କେବେ ଅପ୍ରତ୍ୟାଶିତ ସଫଳତା... ଖୁସିର ପରିସୀମା ନାହିଁ, ସେ ବ୍ୟାପ୍ତ; ଆକାଶ ପରି, ପୃଥିବୀ ପରି...

ପ୍ରସଙ୍ଗଟିଏ ମନେପଡ଼େ; କିଛି ବର୍ଷ ତଳେ ପଡ଼ିଶା ଘରର ଛୁଆମାନଙ୍କୁ ପାଖ ଗାଁ'ର ମେଳନ ବୁଲେଇ ନେଇଥିଲି । ମନରେ ତାଙ୍କର ଉତ୍ସାହର ଜୁଆର କୂଳ ଲଙ୍ଘୁଥାଏ ଯେମିତି ! ଜାଣିଥିଲି ସେମାନେ ଖାଲି ପକେଟରେ ଆସିଥିଲେ, ତଥାପି ବାଟସାରା ଅନେକ ଚର୍ଚ୍ଚା, ଅନେକ ଆଲୋଚନା; ମେଳାରେ ଏଇଟା କରିବା, ସେଇଟା ଦେଖିବା, ଅମୁକ ଆଣିବା ସମୁକ ଖାଇବା... ଏମିତି ଅନେକ । ପ୍ରଥମେ ବିମାନ ଦେଖା, ଅଧିଷ୍ଠାତ୍ରୀ ଦେବୀଙ୍କ ପାଖରେ ଭୋଗ କରିବା ପରେ ମେଳନ ପଡ଼ିଆରେ ପଡିଥିବା ବିଭିନ୍ନ ପ୍ରକାର ମନୋହରୀ ଦୋକାନ ବୁଲିବା ଥିଲା ପ୍ରଧାନ ଲକ୍ଷ । ସେଇଆ ହେଲା। କିଏ କଣ ଖାଇବ ବା କିଣିବ ପଚାରନ୍ତେ, କିଏ କହିଲା ମୁଁ ଚାଟ ଖାଇବି ତ ଆଉ କିଏ କହିଲା ମୁଁ ଆଇସକ୍ରିମ ଖାଇବି । ପୁଣି କିଏ କହିଲା ମୁଁ ଗୋଲା ଖାଇବି... ଖାଇଲେ ମଧ୍ୟ ! ଦ୍ୱିତୀୟ ଥର ଅନ୍ୟ କିଛି ପାଇଁ ଯେମିତି ଆଗ୍ରହ ହିଁ ନଥିଲା !!! ଦଣ୍ଡେ ଦୂରରେ ଥାଇ ଲକ୍ଷ୍ୟ କରୁଥିଲି ସେମାନଙ୍କୁ; ଓଠର ହସ ଆଖିରେ ଝଲସୁଥିଲା ଚିକ ମିକ ହେଇ । ଭାବୁଥିଲି ଖୁସି କେତେ ମାମୁଲି ସତେ !! ଆମେ ଆମର ପ୍ରାଚୁର୍ଯ୍ୟରେ ଖୁସି ସାଉଁଟିବାକୁ ଚେଷ୍ଟାକରୁ, ମୂଷା ବିଲେଇର ଦୌଡ଼ରେ ମାତିରହୁ, ହେଲେ ଛୋଟ ଛୋଟ ଘଟଣାରେ ଲୁଚିଥିବା ଖୁସିକୁ ଗୋଟେଇ ପାରୁନା; ଖୁସି ହେଇପାରୁନା । କିନ୍ତୁ ଏମାନେ?? ତଉଲୁଥିଲି ମୋ ନିଜ ଭଣଜାକୁ ଏମାନଙ୍କ ସହ । ଭଣଜା ମୋର ପକେଟ ଖାଲି ହେଲାଯାଏ କିଣି ସାରିଲା ପରେ ବି ଖୁସି ହେଇ ପାରେନା, ଅଥଚ ଏମାନେ... ଖୁସି, ଦୁଃଖପରି ମହଙ୍ଗା ନୁହେଁ, ଖୁବ ମାମୁଲି;ଖୁବ ଶସ୍ତା । ବାସ୍ କିଣି ଜାଣିଲେ ହେଲା !!!

ଆଉ ଦିନ କେଇଟା ପରେ ଏ ବର୍ଷ ସରିଯିବ ଆଉ ପଛରେ ରହିଯିବି କିଛି ଅଲିଭା ଦୁଃଖର ଦାଗ । ତଥାପି କାହା ଓଠରେ ହସର କାରଣ ହେଇ ଏ ବର୍ଷକୁ ବିଦାୟ ଦେବା । ଏଇ ଯେମିତି ବଡ଼ ଦିନର ସାନ୍ତା ପରି...

ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ସହ

ଜୟ ଜଗନ୍ନାଥ !!!





ସେଦିନ କିଛି ଏନଜିଓ ବାଲା ଗୋଟିଏ ନିମନ୍ତ୍ରଣ ପତ୍ର ନେଇ ନିଉଜ ଚ୍ୟାନେଲ ଅଫିସରେ ପହଞ୍ଚିଲେ..

ଏନଜିଓ ବାଲା: ସାର, ଆମେ "ଅସହାୟର ବନ୍ଧୁ" ସାମାଜିକ ସଂଗଠନରୁ ଆସିଥିଲୁ ।

ଚ୍ୟାନେଲ ହେଡ୍: ଆଜ୍ଞା କୁହନ୍ତୁ,

ଏନଜିଓ ବାଲା: ସାର, ଆସନ୍ତା ୧୨ ତାରିଖ ଦିନ ଆମ ସଂଗଠନ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେଉଛି, ଆପଣମାନଙ୍କର ଉପସ୍ଥିତ ଏବଂ ବହୁଳ ପ୍ରସାରଣ ଦ୍ୱାରା ଆମେ ବିଶେଷ ଉପକୃତ ହେବୁ ।

ଚ୍ୟାନେଲ ହେଡ୍: ଦେଖନ୍ତୁ ଆମ ରିପୋଟର ମାନେ ସାଧାରଣତଃ ଏହି ରକ୍ତ ଦାନ, ଅଙ୍ଗ ଦାନ ଯେତେ ସବୁ ଶିବିର ଆଟେଣ୍ଡ କରି ଟାଇମ ୱେଷ୍ଟ କରନ୍ତିନି, ତଥାପି ଫୁରସତ ମିଳିଲେ ନିଶ୍ଚିତ ଭାବରେ ଯୋଗାଯୋଗ କରି ପହଞ୍ଚିବେ ।

ଏନଜିଓ ବାଲା: ଠିକ ଅଛି ସାର, ୧୫ ତାରିଖ ଦିନ ଗୋଟିଏ ବିଶାଳ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ସୂଚୀ ନିର୍ଦ୍ଧାରଣ କରିଛୁ, ଆପଣମାନେ ଯୋଗଦେଲେ...

ଚ୍ୟାନେଲ ହେଡ୍: ବହୁତ ଭଲ କଥା, କିନ୍ତୁ ଆମ ପାଖକୁ ଏଇ ଭଳି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପାଇଁ ପ୍ରତିଦିନ ଇନଭାଇଟେସନ ଆସୁଛି କିନ୍ତୁ ଆମେ ପ୍ରସାରଣ କରିପାରୁନାହୁଁ ।

ଚାହିଦା ଏତେ ନାହିଁ ତ ଏହି ଭଳି ଖବରର, ତେଣୁ ଆପଣଙ୍କୁ ମିଛ ପ୍ରତିଶୃତି ଆମେ କାହିଁକି ଦେବୁ କହୁନାହାନ୍ତି !

ଏନଜିଓ ବାଲା: ଓକେ ସାର, ଆସନ୍ତା ସଣ୍ଡେରେ ସମୁଦ୍ର କୂଳେ କୂଳେ ଦୀର୍ଘ ୧୦ କିମି ପର୍ଯ୍ୟନ୍ତ ସଫେଇ କାର୍ଯ୍ୟ କରିବାର ଯୋଜନା କରାଯାଇଛି, ତେଣୁ ଆପଣ ଟିକେ ଆମ ସାଙ୍ଗରେ....

ଚ୍ୟାନେଲ ହେଡ୍: ପ୍ରକୃତ କଥା କ'ଣ କି ଆମେ ଟିକେ ଗୁରୁତ୍ୱପୂର୍ଣ୍ଣ ତଥା ଚାଞ୍ଚଲ୍ୟକର ଖବର ଆମ ଚ୍ୟାନେଲ ପରଦାରେ ଦେଖେଇଥାଉ, ତେଣୁ ସେହି ଭଳି ଖବର ଆମକୁ ଦେଲେ ଆମ ରିପୋଟର ମାନେ ନିଶ୍ଚୟ ଯାଇ ପହଞ୍ଚିବେ ।

ଏନଜିଓ ବାଲା: ଅଛି ସାର, ଆଜି ସକାଳୁ ତ ଗୋଟେ ଚାଞ୍ଚଲ୍ୟକର ଘଟଣା ଆମ ଗାଁରେ ଘଟିଯାଇଛି.. । ଜଣେ ଧୋବା ଘରର ବୋହୂ ତଳ ବ୍ରାହ୍ମଣ ସାହି ୧୭ ବର୍ଷ ପୁଅ ସାଙ୍ଗରେ ଫେରାର ।

ଚ୍ୟାନେଲ ହେଡ୍: ଓ ମାଇଁ ଗଡ଼ !! ହେଲୋ ସୁରଜ, ତୁମ ସର୍କଲରେ ହଂସପୁର ଗାଁ ଯାଉଛି ନା? ତୁରନ୍ତ ସେଇଠି ଯାଇ ପହଞ୍ଚ ଆଉ ଗୋଟେ ଫେରାର କେସ୍ ଅଛି ଆଟେଣ୍ଡ୍ କର । ହଁ ଭିଜୁଆଲ ଠିକରେ ନେବ, ମୋତେ ୧୦୦% ଏକୁରେସି ଦରକାର...

ଏନଜିଓ ବାଲା: ତେବେ ଆମେ ଆସୁଛୁ ସାର, ନମସ୍କାର ।

.

.

.

ସନ୍ଧ୍ୟା ବେଳକୁ ଗାଆଁ ସାରା ହଲଚଲ... ସିରିଅଲ୍ ଛାଡ଼ି ଗାଁ ମାଇପେ ଆଉ ତାସ୍ ଖଟି ଛାଡ଼ି ଗାଁ ଟୋକାଏ ଟିଭି ସାମ୍ନାରେ ଆଁ ।

ଖବର ଚାଲିଛି - "ତିନି ଛୁଆ ଓ ପଙ୍ଗୁ ସ୍ୱାମୀକୁ ଛାଡ଼ି ସ୍ତ୍ରୀ ନିଜ ପ୍ରେମିକ ସାଙ୍ଗେ ଫେରାର"...

- ରୋଜାଲିନ ବେହେରା



ଗଳ୍ପକାନ୍ତି (୧୧ଶ ଭାଗ)

ଚନ୍ଦ୍ରକାନ୍ତି ପ୍ରଧାନ

ଗତ ମାସରେ, କିଛି ବ୍ୟକ୍ତିଗତ ବ୍ୟସ୍ତତା ହେତୁ ଗଳ୍ପକାନ୍ତି ଲେଖିପାରିନଥିଲି ବୋଲି ମୋ ଉପରେ ରାଗିନାହାନ୍ତି ତ? ଆପଣଙ୍କ ମନ ଉଣା କରିଥିବାରୁ ମୁଁ ଦୁଃଖିତ । ଆଉ ସେଥିପାଇଁ ଚନ୍ଦ୍ରକାନ୍ତିକୁ କ୍ଷମା କରିବେ ।

ଆଚ୍ଛା ଶୁଣନ୍ତୁ ନା... ମୁଁ କହିଲାବେଳେ ମଝିରେ ମଝିରେ "ହଁ" ମାରିଲେ ଯାଇ ଗପ ଆଗକୁ ଯିବ । ଆଉ ଯେତେଯାଏ ଆପଣଙ୍କ "ହଁ" ମତେ ଶୁଣାଯାଉଥିବ ମୋ ଗପ ପେଡ଼ିରୁ ଗପ ବାହାରୁଥିବ । ଜୟ୍ ଜଗନ୍ନାଥ !

ଏଠିକାର ଶରତ ରାତି ଆମ ରାଜ୍ୟର ହାଡ଼ଭଙ୍ଗା ଶୀତ ରାତି ସହ ସମାନ କହିଲେ ଅତ୍ୟୁକ୍ତି ହେବନାହିଁ । ଏତେ ଶୀତରେ ପୁଣି ରାତି ଡ୍ୟୁଟି । କମ୍ବଳକୁ ଦେହରେ ଗୁଡ଼େଇ ତୁଡ଼େଇ ହୋଇ ଶୋଇବାର ଯୋଉ ମଜା । ଆହା କାହିଁ ଗଲା ସେ ଦିନ ସବୁ । ହଷ୍ଟେଲରେ ସକାଳ ଆଠଟା ବେଳେ ଉଠିବାର ଦିନ । କଲେଜ୍ କ୍ୟାଣ୍ଟିନରେ ଖାଇବାକୁ ନଜାଇ (ଉହୁଁ ଉଠିବାରେ ଡେରି ହେତୁ ଖାଇବା ସରିଯାଇଥାଏ) ରୁମରେ ହର୍ଲିକ୍ସ ପିଇବାର ଦିନ । ସମୟ୍ ରାତି ଆଠଟା ବାଜି ଚାଳିଶ ମିନିଟ୍ । ଏହି ହସ୍ପିଟାଲ ରହିବାକୁ ଦେଇଥିବା ଫ୍ଲାଟ ସାମ୍ନାରେ ହସ୍ପିଟାଲର ବସ୍‌କୁ ଅପେକ୍ଷା କରିଥିଲେ ମୋ ପରି ଅନେକ ଅଲଗା ଅଲଗା ରାଜ୍ୟର ଉଡ଼ା ଚଢ଼େଇ । ନିଜ ନିଜ ଫୋନ୍‌ରେ ସମସ୍ତେ ବ୍ୟସ୍ତ । କିଏ ଘର ଲୋକଙ୍କ ସହ କଥା ହେଉଛି ତ କିଏ ଇନଷ୍ଟାଗ୍ରାମ୍, ଫେସବୁକ ଇତ୍ୟାଦିରେ ରିଲ୍ସ ଦେଖୁଛି । ମୋ କାନରେ ଏମିତିରେ

ଇଅର ଫୋନ୍ ଲାଗିଥିଲା । ତେଣୁ ମୁଁ ବି ଆଉ ଡେରି କଲି ନାହିଁ । ଆପ୍ରୋନ ପେଟରୁ ଫୋନ୍ ବାହାର କରି ମ୍ୟୁଜିକ ଅପର ସଫଲ୍ ଅନ କରିଦେଲି । ହୃଦୟକୁ ପ୍ରତିଦିନ ବିରହରେ ଭିଯୋଉଥିବା କୈଳାସ ଖେରଙ୍କର ଗୋଟିଏ ଗୀତ, "ସେଇଁୟା... ତୁ ଯୋ ଝୁଲେ ପ୍ୟାରସେ... ଆରାମସେ ମରଯାଉଁ..., ଆଜା ଚନ୍ଦା ବହୋ ମେ... ତୁଝ୍ ମେ ହି ଗୁମ୍ ହୋଜାଉଁ ମେ ।" କାନ ପାଖରେ ଭାସିଆସିଲା । ଗୀତ ସରିଲା ବେଳକୁ ହସ୍ପିଟାଲରେ ପହଞ୍ଚି ପାରିଥିଲା ବସ୍ । ୱାର୍ଡ଼ରେ ପହଞ୍ଚି ହାଣ୍ଡୋଭର୍ ନେଲି । ଆସିୟୁରେ ସବୁଦିନ କେସ୍ ପ୍ରେଜେଣ୍ଟେସନ୍ ହୁଏ । ସବୁ ରୋଗୀମାନଙ୍କର ଅପଡେଟ୍ ପ୍ରୋସିଜ୍ୟୁର । କାହାର ଠକି ଅଛି, କାହାର ଡାଏଲିସି ଅଛି ଇତ୍ୟାଦି ବିଷୟରେ ଅବଗତ କରାଯାଏ ସମସ୍ତଙ୍କୁ । ଯେମିତି ରୋଗୀମାନଙ୍କର ଚିକିତ୍ସା ଭଲଭାବରେ ହେଇପାରିବ । ଏହାକୁ ନର୍ସିଂର ଟିମ୍‌ୱାର୍କ ବୋଲି କୁହାଯାଏ । ହାଣ୍ଡୋଭର ନେଇ ଫଟାଫଟ୍ ଫାଇଲ କାମ ଆରମ୍ଭ କରିଦେଲି । ଭେଣ୍ଟିଲେଟର ଚାର୍ଟରେ ଭାଇଟାଲସ୍ ମାର୍କ କରିସାରିବା ପରେ ନର୍ସେସ ନୋଟ୍ ଲେଖୁଥାଏ । ହଠାତ୍ ଠକ୍ ଠକ୍ ଶବ୍ଦ ଶୁଣାଗଲା । ସାମ୍ନାକୁ ଚାହିଁ ଦେଖେ ତ ରୋଗୀ ଜଣକ ବେଡ୍‌ର ଲାଗିଥିବା ସାଇଡ୍ ରେଲିଙ୍ଗରେ ବିଶି ଆଙ୍ଗୁଳିରେ ଲାଗିଥିବା ଅକ୍ସିଜେନ ପ୍ରୋବ ସାହାଯ୍ୟରେ ପିଟୁଛନ୍ତି, ମୋର ଦୃଷ୍ଟି ଆକର୍ଷଣ କରିବାକୁ । କାରଣ ତାଙ୍କ ବେକରେ ଟ୍ରାକିଓଷ୍ଟୋମି ଟ୍ୟୁବ୍ ଲାଗିଥିବାରୁ ସେ କଥା କହିପାରନ୍ତି ନାହିଁ । ଭେଣ୍ଟିଲେଟର ଦ୍ୱାରା ଶ୍ୱାସକ୍ରିୟା କରୁଥାନ୍ତି । "କ୍ୟା ହୁଆ ବାବା? କୁଛ୍ ଦିକତ୍ ହୋରହା ହୈ?", ମୁଁ ପଚାରିଲି ଆଉ ସେ ମୁଣ୍ଡ ହଲେଇ ହଁ କହିଲେ । "ସାଂସ୍ ଲେନେମେ କୋଇ ତକଲିଫ୍ ହୋରାହା ହେ? ଆଛା ଗଲା ସାଫ୍ କରଦେ କ୍ୟା?", ମୁଁ ପୁଣି ପଚାରିଲି । ଏଥର ତାଙ୍କ ମୁହଁ ଟିକେ ଉଜ୍ଜ୍ୱଳ ଦେଖାଗଲା । ସେ ମୁଣ୍ଡ ହଲେଇ ହଁ କହିଲେ । ସାଙ୍ଗେ ସାଙ୍ଗେ ସକ୍ସନ ପାଇପ ଆଣି ଉଭୟ ଟ୍ୟୁବ୍ ଓ ପାଟି ଭିତର ସକ୍ସନ କରି ସଫାକଲି । "ଏବେ ଭଲ ଲାଗୁଛି ନା ବାବା? ଏବେ ବହୁତ ରାତି ହେଲାଣି ଶୋଇ ଯାଆନ୍ତୁ । ମୁଁ ଏଠି ଅଛି କିଛି ଅସୁବିଧା ହେବ ନାହିଁ ।" ତାଙ୍କ ଭାଷାରେ କହି ତାଙ୍କୁ କମ୍ବଳ ଘୋଡ଼ାଇ ଦେଲାବେଳେ ମୋ ହାତରୁ ସେ କଲମଟି ଟାଣିଲେ । କିଛି କହିବାକୁ ଚାହାନ୍ତି ଭାବି ମୁଁ ଅଦରକାରୀ କାଗଜ ଖଣ୍ଡେ ମୋ ହାତରେ ଧରିଲି । ସେଇଥିରେ ସେ ଲେଖିବା ଆରମ୍ଭ କଲେ । ଥର ଥର ହାତରେ କେତେ କ'ଣ ଗାର ପକାଇ ଗୋଲ ବୁଲାଇ ଲେଖିଲେ । ହେଲେ ମୁଁ ଯେତେ ଚେଷ୍ଟା କଲେ ବି ଗୋଟିଏ ଶବ୍ଦ ବି ପଢ଼ିବାରେ ସଫଳ ହେଲି ନାହିଁ । "ବାବା କ'ଣ ଲେଖୁଛନ୍ତି ମୁଁ ବୁଝିପାରୁନାହିଁ । ଆଉଥରେ ଧୀରେ ଧୀରେ ଲେଖିବାକୁ ଚେଷ୍ଟା କରନ୍ତୁ ତ", ମୁଁ କହିଲି ।

ସେ ନିରାଶ ଓ ହତାସର ମିଶ୍ରଣରେ ସୃଷ୍ଟି ଏକ କରୁଣ ଦୃଷ୍ଟିରେ ମତେ ଚାହିଁଲେ । ତାଙ୍କର ଏତେ କଷ୍ଟ କରି ଲେଖିବା ଆଉ ମୋର ବୁଝିନପାରିବା ହିଁ ତାଙ୍କୁ ବେଶି ଦୁଃଖ ଦେଉଥିଲା । ତାହା ମୁଁ ବୁଝି ପାରିଥିଲି ତାଙ୍କ ଆଖିରେ ଜକେଇ ଆସୁଥିବା ଲୁହକୁ ଦେଖି । ତଥାପି ହାର ମାନିନଥିଲେ ସେ । ପୁଣିଥରେ ଲେଖିବାକୁ ଗଲାବେଳେ ମୁଁ କହିଲି, "ବାବା ଆପଣ ଗୋଟିଏ ଗୋଟିଏ ଶବ୍ଦ ଲେଖନ୍ତୁ ମୁଁ ପଢ଼ିବାକୁ ଚେଷ୍ଟା କରିବି ।" ଗୋଟେ ଗୋଟେ କରି ଶବ୍ଦଗୁଡ଼ିକୁ ନିରିଖି ପଢ଼ିବା ପରେ ସେସବୁକୁ ମିଶାଇ ଗୋଟିଏ ବାକ୍ୟର ଗଠନ କଲି । ତାହା ଥିଲା, "ଟୁଡେ ଇଜ୍ ୱିଚ୍ ଡେ?"

ଆରେ... ବାବା, ସେତେବେଳୁ ଏଇକଥା ଜାଣିବାକୁ ଚାହୁଁଥିଲେ । ଆଜି ପରା ୱେଡ୍‌ନେସ୍‌ଡେ (ବୁଧବାର) ଆଉ ଏବେ ରାତି ହୋଇଛି । ଆପଣ ଏବେ ବିଶ୍ରାମ ନିଅନ୍ତୁ । କହି ତାଙ୍କ ମଥାରେ ହାତ ବୁଲେଇ ଆଣି ଧୀରେ ପଚାରିଲି, "ଆଉ କିଛି ଲେଖିବାକୁ ଚାହୁଁଛନ୍ତି?" ସେ ପୁଣିଥରେ କଲମ ପାଇଁ ମୋ ଆଡ଼କୁ ହାତ ବଢ଼ାଇଲେ । "ବାବା, ଏବେ ବହୁତ ରାତି ହେଲାଣି ଶୋଇଯାଆନ୍ତୁ । ଯାହା କହିବା କଥା କାଲି ସକାଳୁ କହିବେ । ଏତିକି କହି ମୁଁ ମୋ କ୍ୟୁବିକ୍‌ର ଲାଇଟ୍ ଅଫ୍ କଲି ।

ସେ ମଉସା ଜଣକ "ସ୍ୟୁଡୋବଲବାର୍ ପାଲସ୍ି"ର ପେସେଣ୍ଟ ଥିଲେ । ସେ ରୋଗରେ ସାଧାରଣତଃ ମୁହଁର ମାଂସପେଶୀ (ପାରାଲେସିସ୍) ଅଚଳ ହୋଇଯାଏ । ରୋଗୀ କଥା କହିପାରେ ନାହିଁ ଓ ଖାଦ୍ୟ ମଧ୍ୟ ଠିକ୍‌ରେ ଚୋବେଇ ଖାଇପାରେ ନାହିଁ । ରାତି ତିନିଟା ବାଜି ସାରିଥିଲା । ଜୀବନର ପ୍ରକୃତ ଅର୍ଥ କ'ଣ ହୋଇପାରେ? ଟଙ୍କା ପଇସାର ଅଭାବ ନାହିଁ ସେ ମଉସାଙ୍କର । କେଉଁ ଗୋଟେ ଇଂରାଜୀ ମିଡିଅମ ସ୍କୁଲରେ ଅଧ୍ୟକ୍ଷ ଥିଲେ ସେ । ପେସେଣ୍ଟ ଫାଇଲରେ ଅକୁପେସନରେ ସ୍ଥାନରେ ମୁଁ ପଢ଼ିଛି । ହେଲେ ଏଠି ଏଇ ମଣିଷ ଖାଦ୍ୟ ଖାଇବାକୁ ଅକ୍ଷମ ହୋଇପଡ଼ିଛି । କେଉଁଠି ଏ ଜୀବନ ଜିଇଁବା ଆଶାରେ ଶୁଖିଲା ପାଉଁରୁଟି ପାଇଁ ଦିନଯାକ ପ୍ଲାଷ୍ଟିକ୍ ବୋତଲର ସଂଗ୍ରହ କରୁଥାଏ ତ ଆଉ କେଉଁଠି ଡଷ୍ଟବିନ୍ ଭିତରୁ ବଳକା ଖାଦ୍ୟ ଅଣ୍ଡାଳୁଥାଏ ଏଇ ମଣିଷ ଜାତି । ଚେୟାରରେ ବସି ଭାବୁଥାଏ ମୁଁ । ଆଖି ବୁଜି ହୋଇ ଆସୁଥାଏ କିନ୍ତୁ ନିଦ ଆସୁନଥାଏ । ରାତିର ଗତି ସହ ପ୍ରବଳ ଶୀତ ହେଉଥାଏ ଆଉ ଆଇସିୟୁର ଏ.ସି. ଶୀତର ମାତ୍ରାକୁ ଚାରିଗୁଣ ବଢ଼ାଉଥିଲା । ଦେହ ଥରୁଥାଏ । ହସ୍ପିଟାଲର ଗୋଟିଏ ସଫା ବେଡ୍‌ସିଟ୍ ଆଣି ଦେହରେ ପକେଇ ବସିଲି । କିଛି ସମୟ ପରେ ନିଦ ମତେ ତା' ଆୟତକୁ ଆଣିବାକୁ ଚେଷ୍ଟା କଲା

ବେଳକୁ ହିଁ ଆକାଶ ଫର୍ଚ୍ଚା ଦେଖାଗଲା । ହାୟ! ଏ ନିଦକୁ କିଏ ଗୋଟେ ବୁଝାଅରେ... ରାତିସାରା ସହରସାରା ବୁଲି ବୁଲି ମୋ ପାଖରେ ସକାଳୁ ପହଞ୍ଚିଲା ବୋଧେ । ମନେ ମନେ ବିରକ୍ତ ହୋଇ ଶେଷରେ ସକାଳ ହେବାରୁ ସେ ମଉସାଙ୍କୁ ଓଦା କପଡ଼ାରେ ପୋଛା ପୋଛି କରି ନୂଆ ପୋଷାକ ପିନ୍ଧାଇଲି । କ୍ଲୋର୍‌ହେକ୍ସିଡିନ ସଲ୍ୟୁସନରେ ପାଟି ସଫା କରି । ଟ୍ରାକିଓଷ୍ଟୋମୀ ଟ୍ୟୁବ୍‌କୁ ସକ୍ସନ ପାଇପରେ ସଫା କଲି । ସକାଳର ମେଡ଼ିସିନ ଦେଲାବେଳେ ମଉସା ମତେ ହାତ ବଢ଼ାଇଲେ । ଆରେ... ବାବା ମୋର ମନେ ଅଛି କହି କାଗଜ କଲମଟି ତାଙ୍କ ହାତକୁ ବଢ଼ାଇ ଦେଲି । ସେ ଲେଖିବା ଭିତରେ ମୁଁ ଅନ୍ୟ ରୋଗୀମାନଙ୍କୁ ମେଡ଼ିସିନ୍ ଦେଉଥାଏ । ସବୁ କାମସାରି ଆସି ଦେଖେ ତ ମଉସା ଲେଖିସାରି କାଗଜଟା ଧରିଥାନ୍ତି । ମୁଁ ତାଙ୍କଠାରୁ କାଗଜଟି ଆଣି ପଢ଼ିଲି । ସେ ଯାହା ଲେଖିଥିଲେ । ସେ ପ୍ରଶ୍ନର ଉତ୍ତର ଦେବାକୁ ମୋର ସାହସ ବି ନଥିଲା । ସେଥିରେ ଲେଖାଥିଲା, "ମୁଁ ଆଉ କେବେ କଥା କହିପାରିବିନି ନା ଦିଦି? ମୁଁ ଜାଣେ ଆଉ ବେଶି ଦିନ ବଞ୍ଚିବି ନାହିଁ । ଏକଥା ସତ ନା ମିଛ କୁହ ତ? ମତେ ମିଛ କହିବନି ପ୍ଲିଜ୍; ଡାକ୍ତରମାନେ କଥା ହେଲାବେଳେ ମୁଁ ଶୁଣିଛି । ଆଉ ବେଶି ଦିନ ନୁହେଁ ।" ମୁଁ ତାଙ୍କୁ ନିର୍ଭିକ ପରି ଚାହିଁଥାଏ ।


"ବାବା, ଆପଣ ଏସବୁ କଥା କାହିଁକି ଭାବୁଛନ୍ତି? ମନୋବଳ ଦୃଢ଼ କରନ୍ତୁ । ଆପଣ ଭଲ ହୋଇ ଘରକୁ ଫେରିଯିବେ । ଆଉ କିଛି ଦିନର ତ କଥା ।" ମୋ କଥା ମଝିରେ ତାଙ୍କ ଝିଅ ତାଙ୍କୁ ଭେଟିବାକୁ ଆସିଲା ।

"ପାପା, ଅଭି କୈସେ ହୈ ସିଷ୍ଟର? ସବ୍ ଠିକ୍ ହୈ? କୋଇ ଦିକତ୍ ତୋ ନହିଁ ହୈ?" ଗୋଟିଏ ନିଃଶ୍ୱାସରେ ଝିଅଟି କହିଗଲା । ସେ ଏକାବେଳେକେ ପଚାରିଥିବା ଏତେ ପ୍ରଶ୍ନର ମୋର ଉତ୍ତର ଥିଲା, "ବାବା ଠିକ୍ ଅଛନ୍ତି । ଏବେ ଭାଇଟାଲସ୍ ଠିକ୍ ଅଛି ସବୁ ।" ସେଦିନ ଡ୍ୟୁଟି ସାରି ମୁଁ ରୁମରେ ପହଞ୍ଚିବା ପରେ ନିଦ ଭାଙ୍ଗିଲା ଦିନ ତିନିଟାରେ । ସେଦିନ ଥିଲା ପବିତ୍ର ଆଲୋକର ପର୍ବ ଦୀପାବଳି । କିନ୍ତୁ ଆମର କି ଦୀପାବଳି? ଅଧିକ ପର୍ବପର୍ବାଣୀରେ ମୁଁ ହସ୍ପିଟାଲରେ ଥାଏ । ତେଣୁ ରାତିରେ ହସ୍ପିଟାଲ ବାହାରିଲି । ମଉସାଙ୍କ ସହ ପ୍ରାୟ କାଗଜ କଲମରେ ହିଁ କଥା ହୁଏ ମୁଁ । ଏଇ ଭିତରେ ପାଞ୍ଚ ଦିନ ବିତିଯାଇଗଲା । ସେଦିନ ରାତି ସାରି ପୁଣି ଥରେ ଖରାବେଳେ ଡ୍ୟୁଟି ଆସି ହାଣ୍ଡୁଭୋର୍ ବେଳେ ଶୁଣିଲି ଯେ ସେ ମଉସା ଦିନ ଏଗାରଟାରେ ହୃଦଘାତରେ ମୃତ୍ୟୁବରଣ କରିଥିଲେ । ଏକଥା ଶୁଣି ଆଶ୍ଚର୍ଯ୍ୟ ହେଲି ମୁଁ ! ଆହାଃ... କାଲି ରାତିରେ ସେ ପେପରରେ

କ'ଣ ଲେଖିଥିଲେ ମୁଁ ବ୍ୟସ୍ତତା ଭିତରେ ଆଉ ପଢ଼ିପାରିନଥିଲି । କୋଉଠି ରଖିଲି ସେ ପେପରଟା ! ହଁ ହଁ ତାଙ୍କ ବେଡ୍ ପାଖ ଡ୍ରରେ ବୋଧହୁଏ ରଖିଥିଲି କି କ'ଣ । ଧାଇଁଯାଇ ଡ୍ର ଖୋଲି ପେପରଟି କାଢ଼ି ଆଣି ଦେଖିଲି, "ଗଡ୍ ବ୍ଲେସ୍ ୟୁ । ବାଏ ବେଟା ।" ସେ ଲେଖିଥିଲେ ।

ଆଇସିୟୁରେ ସବୁ ପେସେଣ୍ଟ ଅଚେତ ଅବସ୍ଥାରେ ପ୍ରାୟ ଥାଆନ୍ତି । କାହା ସହ ମୁଁ କଥା ହୋଇପାରେ ନାହିଁ । କେବଳ ସେମାନଙ୍କର ଅଜାଣତରେ ତାଙ୍କର ଯତ୍ନନିଏ । ରାଇଲସ୍ ଟ୍ୟୁବ୍‌ରେ ଖାଇବା ଖୁଆଏ । ଇଞ୍ଜେକସନ, ଔଷଧ ଦେଇ ମୋ କର୍ତ୍ତବ୍ୟ ପାଳନ କରେ । ଏମିତିରେ ଗଳ୍ପକାନ୍ତି କେମିତି ଲେଖିବି ବୋଲି ମୁଁ ଭାବୁଥିଲି କିନ୍ତୁ ସବୁବେଳେ ପାଟି କଥା କହିପାରେ ନାହିଁ । ମନ କଥା କେବେ କେବେ ଆଖି ଓଠ ଆଉ କଲମ ବି କହିଦେଇପାରେ !

- ଚନ୍ଦ୍ରକାନ୍ତି ପ୍ରଧାନ



ସୁଲଗ୍ନା ମହାନ୍ତିଙ୍କ

ଆନିର ରୋଷେଇଘର

ଶୁଭପଲ୍ଲବ ଷ୍ଟୋରରେ ଉପଲବ୍ଧ

(at ₹199/- only)

Buy Now!

ପ୍ରତୀକ୍ଷା

ପ୍ରତୀକ୍ଷା !
ଏକ ବିସ୍ତାରିତ ନିଃସଙ୍ଗ ପଥ,
ଆଉ...
ଏକ ଗଭୀର ଗହ୍ୱରରେ ଶୁଖିଲା
ନଈ, ସଙ୍କୁଚିତ !

ସ୍ମୃତିର ବହଳ ପରତକୁ ଆଞ୍ଚୁଡ଼ିଲେ,
ବାରିହୁଏ କଣ୍ଠ ସ୍ୱରର ଆର୍ଦ୍ରତା...
ମନ୍ଦିରରେ ଜ୍ୱଳନ୍ତୁ ପ୍ରଦୀପ,
କମ୍ପୁଛି ଜୀବନ ସଳିତା !

ତକିଆରେ ଚାପି ହୋଇ
ନିସ୍ତବ୍ଧ ପଡ଼ିଛି ହିକ୍କା,
ଦୁଆରେ ଶବ୍ଦ !
ଥରୁଛି କଲିଜା...
ପ୍ରତୀକ୍ଷା !
ସେ ଯେ ରୋଦନ,
ଝାଉଁଳି ଯାଇଥିବା ଚେହେରାରେ,
ଖାରୁଆ ଲୁହର କ୍ଲାନ୍ତ ସମୁଦ୍ର...
ବିଶ୍ୱାସରେ ଶୀତଳ ପଡ଼ିଥିବା,
ହୃଦୟର
ଅସଂଖ୍ୟ ଅଗ୍ନି କଣା...
ପ୍ରତୀକ୍ଷା...



କୃଷ୍ଣା ମିଶ୍ର



ନିରବ

ମମତା ସାହୁ

ନିରବି ଯାଇଛି ନିରବ ଆଖି ମୋ
ନିରବେ ଝରାଏ ଲୁହ,
ଶବ୍ଦ ହୁଏ ନାହିଁ ଗୋପନ ଯନ୍ତ୍ରଣା
ଦିଶେ ଖାଲି ତୁମ ମୁହଁ ॥


ସ୍ଥିର ହୋଇ ଯେବେ ଠିଆ ହୁଏ ନିଜେ
ସତ୍ୟର ଆଇନା ପାଖେ,
ଅଟକି ଯାଇଚି ଭାଗ୍ୟ ବିବର୍ଣ୍ଣ ମୋ
ବିରହ ସମୟ ସଙ୍ଗେ ॥

ବଦଳି ଯାଇଛି ସବୁ କିଛି ଆଜି
ବିଶ୍ୱାସ ପ୍ରତି ପୃଷ୍ଠାରେ,
ଅପ୍ରାପ୍ତ ରସେଇ ଅଜଣା ନଗରି
ନାହିଁ ଆଜି ଉଲ୍ଲାସରେ ॥

ମୃଦୁ ମୃଦୁ ଆସି ଭିଜାଇଲ ମନ
ହୃଦେ ପ୍ରେମର ଆନନ୍ଦ,
ସେଇ ହୃଦୟରେ ସ୍ଥାପନ କରିଲ
ପ୍ରେମର ଏ ଆଗମନ ॥

ନିଷ୍ଠୁର ସମୟ କଲା ଯେ ସମାପ୍ତି
କ୍ଷଣିକେ ଭଙ୍ଗୁରେ ଲିନ,
ଅବସାଦ ପାଇ ଲୁହରେ ଭିଜୁଛି
ପ୍ରତି ହୃଦୟ ସ୍ପନ୍ଦନ ॥

ବିରହ ଜ୍ୱଳାରେ ଲିପ୍ତେ ଛନ୍ଦି ହୁଏ
ସ୍ନିଗ୍ଧ ସୌଷ୍ଠବ ପ୍ରିତି,
ନିରବ ଆଖି ମୋ ନିରବେ ଝରାଏ
ଖୋଜେ ଅତିତର ସ୍ମୃତି ॥



ସେ ମୋ ଡାଏରୀ

ସୁନିତା ପଟେଲ

ଭୁଲିଯିବା ଭୟର ତା' ଭିତରେ
ଅନେକ କିଛି ସାଇତି ରଖିଛି
ଆଉ କିଛି ରହସ୍ୟ ଲୁଚେଇ ବି ରଖିଛି ।

ମୋ ଦିନ ସରିବା ପର୍ଯ୍ୟନ୍ତ
ସେ ମୋତେ ଅପେକ୍ଷା କରେ
ସେ ମୋ ଦିନକୁ ସମ୍ପୂର୍ଣ୍ଣ କରେ ।

ମୋର କୌଣସି ଭାବନା ପାଇଁ
ସେ ମୋତେ କେବେ ପ୍ରଶ୍ନ କରିନି
ବୋଧେ ସେ କାହିଁକି, କ'ଣ ପାଇଁ, କେଉଁଠି
ଏମିତି କିଛି ଶବ୍ଦର ଅର୍ଥ ଜାଣିନି ।

ମୁଁ ରାଗରେ ତା' ଶରୀରରେ
ଅନେକ ଦାଗ ଦେଇଛି
ସେ ଚୁପ୍ ଚାପ୍ ଦାଗଗୁଡ଼ିକୁ
ଚିହ୍ନ ଭାବି ଗ୍ରହଣ କରିଛି ।

ମୋ କୋହ, ମୋ ଲୁହ
ତା' ପାଖରେ ଶବ୍ଦର ରୂପ ନିଏ
ସମୟ ବ୍ୟତିକ୍ରମ ହେଇଯିବା ପରେ
ସେ ଲୁହର କାହାଣୀ
ମୋ ଓଠରେ ହସ ଦେଇଯାଏ ।

ଅନ୍ୟ କେହି ତାକୁ ସ୍ପର୍ଶ କଲେ
ମୋତେ ଭଲ ଲାଗେନି
କାରଣ ତା ସମସ୍ତ ଫର୍ଦ୍ଦରେ
ଅଛି କେବଳ ମୋର କାହାଣୀ ।

କିଛିଟା କାଗଜ ଫର୍ଦ୍ଦର ସମାହାର ସିଏ
ଗୋଟେ ନିର୍ଜୀବ ବସ୍ତୁଟିଏ
ହେଲେବି ମୋ ହୃଦୟର ଅତି ନିକଟ ସିଏ
ସିଏ ଆଉ କେହି ନୁହେଁ
ମୋ ଡାଏରୀ ସିଏ
ମୋ ଡାଏରୀ ସିଏ...

ଯୋଡ଼ି

ଉଡ଼ିଉଡ଼ି ଯେବେ ଥକି ଯିବ ଡେଣା
ନୀଳ ଆକାଶର କୋଳେ
ଗଛ ଡାଳ ଖୋଜି ବାନ୍ଧି ଦେବା ବସା
ଯୁଗଳ ବାହୁର ବଳେ ॥୦॥

ସେ ବସାରେ ବସି ନୀଳ ଆକାଶରେ
ଦେଖିବା ସୁରୁଯ ଖେଳ
ସଞ୍ଜ ନଇଁଗଲେ ଚାନ୍ଦ ହସକୁରି
ତାରାଙ୍କ ଏକାଠି ମେଳ
ତାଙ୍କ ଗହଣରେ ଜହ୍ନ ଉକିଆରେ
ମାତିବା ପ୍ରେମର ଖେଳେ... ॥୧॥

ପାଖେ ଥିଲେ ସାଥୀ ଅମା ଅନ୍ଧକାରେ
ବାଟ ହୋଇଯାଏ ବାରି
ଅମାପ ଦୂରତା ଆଖି ପଲକରେ
କେମିତି ଯାଏ ସେ ସରି
ସେଇ ତ କାହାଣୀ ମନ ଦିଆନିଆ
ପ୍ରେମର ଆଗଣା ତଳେ... ॥୨॥



ଆଶୁତୋଷ ମେହେର



ମାନବିକତା

ଶୁଭଲକ୍ଷ୍ମୀ ନାୟକ

ମଣିଷ ଭିତରେ ଥିବା ଏକ ଅନୁଭବ ମୁଁ
ଲୁପ୍ତପ୍ରାୟ ହେବାକୁ ବସିଛି ଆଜି
କେଉଁଠି କେତେବେଳେ କାଁ ଭାଁ
ନଜର ଆସି ଯାଉଛି ସିନା
କିନ୍ତୁ ସ୍ୱାର୍ଥ ସାଧନ ପାଇଁ ।


ସତରେ ମୋତେ ବିଶ୍ୱାସ କର,
ମୁଁ କେବେ ଏମିତି ଆଶା କରିନି
ସମୟ ସୁଅରେ ମୋର ସତ୍ତା ବିଲୀନ ପ୍ରାୟ
ଇଚ୍ଛା ତ ହୁଏ ପ୍ରଳାପ କରି ଉଠନ୍ତି କି !

କିନ୍ତୁ ହାୟ...
ମୋର ପ୍ରଳାପ ସ୍ୱାର୍ଥର ପାଚେରୀ ଆଢୁଆଳରେ ଲୁଚିଯାଏ
ମୋର ସ୍ୱର ଦବି ଯାଏ କି ଦାବି ଦିଆଯାଏ
ନା ନା.. ମୁଁ କାହାକୁ ଦାୟୀ କରି ପାରେନା
କାରଣ କ୍ଷଣିକ ମାତ୍ର ମୋର ଅବସ୍ଥିତି
ଆଉ ସେଇ କ୍ଷଣିକ ସମୟ ଉପରେ
ଭାରି ପଡ଼ିଯାଏ ଅମାନୁଷିକତାର ତୀବ୍ର ଲାଳସା ।

ହଁ, ମୋତେ କଷ୍ଟ ହୁଏ
କିନ୍ତୁ ସେ କଷ୍ଟର ମୂଲ୍ୟବୋଧ ହେବା ବେଳକୁ
ଜୀବନ ସରି ଯାଇଥାଏ ।

ପଙ୍ଗୁ ହୋଇଯାଇଥିବା ବର୍ତ୍ତମାନର
ମୋତେ ସାହାଯ୍ୟ କରିବାକୁ ଆଗ୍ରହ ଥିଲେ ବି
ସେ ଦେଖେ ତା'ର ପାରିବା ପଣିଆ
ହଁ, ଏମିତି ସବୁବେଳେ ସବୁଠି ବଳି ପଡ଼େ
ମୁଁ ମାନବିକତା...
ଅଚିହ୍ନା ରାଇଜର ପ୍ରହେଳିକା ଭିତରେ
ଅସ୍ତିତ୍ୱ ଖୋଜୁଥାଏ ନିଇତି
ମୁଁ ମାନବିକତା... ।

- ଶୁଭଲକ୍ଷ୍ମୀ ନାୟକ



ସୁଲଗ୍ନା ମହାନ୍ତିଙ୍କ

୧ମ ଗଳ୍ପ ସଂକଳନ

"ନାଲିଚୁଡ଼ା"

ଶୁଭପଲ୍ଲବ ଷ୍ଟୋରରେ

ଉପଲବ୍ଧ ଅଛି

Buy Now!



ବିଶ୍ୱ ବିଜୟୀ

ବିନୟ ମହାପାତ୍ର

ମୁଁ ବିଶ୍ୱବିଜୟୀ ଥିଲି
କେବେ କାହାଠାରୁ
ନହାରିବାର ପଣ ନେଇ,
ହଠାତ୍ ଦିନେ ଚଣ୍ଡାଶୋକ ପରି
ନିଜ ଠାରୁ ନିଜେ ହାରି ଗଲି ।
ସବୁରି ଉର୍ଦ୍ଧ୍ୱରେ
ଗଗନକୁ ଛୁଇଁବାର ବେଳେ
ହଠାତ୍ ଲାଗିଲା
ମୁଁ ଯେ ରସାତଳେ ଥିଲି ।

ସବୁ ଦମ୍ଭ ଝଣ ଝଣ କରି ଭାଙ୍ଗିଗଲା
ପତଳା କାଚର ପାଚେରୀ ଯେମିତି,
ସଂସାରର ସବୁ କିଛି
ହାସଲ କରି ନେବାର ମୋ ଜିଦ୍
ନିଜ ପାରିବାପଣର ଦମ୍ଭ
ଚୁରମାର ହୋଇଗଲା ।
କାହାର ଗୋଟିଏ ନାହିଁରେ,
ସତେ ଅବା ଝରି ଗଲା ଅହଙ୍କାର ମୋର,
ଝରି ଝରି କରି ଖସିଗଲା,
ବନ୍ଦ ହାତ ମୁଠାରୁ ଚୋରା ବାଲି ଯେତେ
ଚେନାଏ ବି ବଞ୍ଚିଲାନି ହାତ ପାହାନ୍ତାରେ ।

କେବେ ନିଜ ଉପରେ ବିଶ୍ୱାସ ଥାଏ
ଆଉ କେବେ ଭାଗ୍ୟ ଆଉ ଭଗବାନ
ମାନି ନେବାକୁ ମନ ବାଧ ହୁଏ,
ବୁଝି ହୁଏନା,
ସବୁ ଏଠି ଆପେ ଆପେ ହୁଏ
ଅବା ସବୁ ସଫଳତା
ଉଦ୍ୟୋଗୀ ମଣିଷର ଭରସାରେ ଥାଏ?
ଜୀବନଟା ଅବୁଝା ଗଣିତଟିଏ,
ଫର୍ଦ୍ଦ ଫର୍ଦ୍ଦ କାଗଜ ସରିଯାଏ
ମିଶାଣ ଫେଡ଼ାଣ,
ଗୁଣ ଆଉ ଗୁଣିତକ ସଂଖ୍ୟା ପାଇବାରେ,
ସବୁ କିଛି ଦେଲା ନେଲାପରେ
ଜୀବନର ଭାଗଶେଷ
ଶୂନ୍ୟରୁ ଆରମ୍ଭ ହୋଇ
ଶୂନ୍ୟରେ ଶେଷ ହୋଇଯାଏ ।



କରୁଣା

ବିଶ୍ୱନାଥ କିଙ୍କର ରାଉତ

ସକାଳ ୧୦ଟା । ରମାକାନ୍ତ ସାରେ ପିଲାଙ୍କୁ ପଢ଼େଇ ସାରି ଉଠିଲେ । ବିଛଣାରେ ବସିବାକୁ ଯାଉଛନ୍ତି କି ରୋଷେଇ ଘରୁ ଘରଣୀଙ୍କ ଆବାଜ୍ ଆସିଲା, "ରୁଟି ଦେଇ ଦେବିକି ଖାଇବାକୁ?" ସାରେ କହିଲେ, "ରୁହ ଟିକେ ଗଡ଼ି ପଡ଼େ, ଏତେ ଶୀଘ୍ର କାହିଁକି !" "ଶୁଣ ଖାଇ ସାରିଲେ ପରିବା ଆଣିବାକୁ ଯିବ । ବେଶୀ ଲେଟ୍ ହେଲେ ଭଲ ପରିବା ସବୁ ସରିଯିବ, ଶେଷରେ ଶୁଖିଲା ପୋକା ପଚା ପରିବା ମିଳିବ ।" "ହଁ ତ ! ଠିକ୍ କଥା ।" ସାରେ ଜଲଦି ୨ ଖଣ୍ଡ ରୁଟି ଖାଇ ସ୍କୁଟି ଧରି ବାହାରି ପଡ଼ିଲେ । ଘରଣୀ ଆଣି ଲିଷ୍ଟ୍ ଦେଇଗଲେ । ସାରେ ଟିକେ ଆଖି ବୁଲେଇ ଆଣିଲେ । ବାଇଗଣ, ବିଲାତି, ଜହ୍ନି, ସଜନା ଛୁଇଁ, ଓଉ, କାକୁଡ଼ି, ଝୁଡ଼ଙ୍ଗ, ପୋଟଳ, କାଙ୍କଡ଼... । ସାରେ ଲିଷ୍ଟ୍ ଦେଖି ରାଗିଗଲେ । କହିଲେ, "ଏତେ ସବୁ ନାଁ ଲେଖିବା କ'ଣ ଦରକାର ଥିଲା । ଏକାଥରକେ ତ ପରିବା ବଜାରଟା ନେଇ ଆସିବ ବୋଲି କହିଥାନ୍ତୁ ।" ଘରଣୀ ତାଙ୍କ ସ୍ୱଭାବ ସୁଲଭ ହସ ହସି କହିଲେ, "ହଉ ସେୟା କରିବ । ବଜାରଟା ନେଇ ଆସିବ ।" ଏତିକି କହି ଭିତରକୁ ଚାଲିଗଲେ ।

ସାରେ ଆଉ କହିବେ କ'ଣ । ଗାଡ଼ି ଷ୍ଟାର୍ଟ କରି ଚାଲିଲେ ବଜାର ଅଭିମୁଖେ । ବାଟରେ ୨ ସାଇଡ଼କୁ ଚାହିଁ ଚାହିଁ ଯାଉଥାନ୍ତି । କାରଣ ବେଳେ ବେଳେ ଗାଁ ପରିବା ଚାଷୀ ବି ନିଜ ନିଜର ପରିବା ଧରି ବିକନ୍ତି । ବଜାରଠୁ ଶସ୍ତା ଆଉ ତାଜା ପରିବା । କିନ୍ତୁ କାହିଁ କେହି ଦେଖା ଗଲେନି । ବୋଧେ ପ୍ରବଳ ବର୍ଷା ଯୋଗୁଁ ପରିବା ତୋଳା ହେଇ ପାରିନି । ଯାଇ ବଜାରରେ ପହଞ୍ଚିଲେ । ନାରଣ (ଚିହ୍ନା ପରିବା ଦୋକାନୀ) କହିଲା, "ସାରେ କ'ଣ ଦେବି?" ସାରେ କହିଲେ,

"ତୁ ଆଗ ସବୁର ଦାମ୍ କହିଲୁ ।" ସେ ଆରମ୍ଭ କଲା, "ବାଇଗଣ ୫୦, ବିଲାତି ୫୫, ଜହ୍ନି ୪୦, ଭେଣ୍ଡି ୪୦, ଜୁଡ଼ଙ୍ଗ ୫୦, ପୋଟଳ ୯୦, କାଙ୍କଡ଼ ୮୦, ସଜନା ଛୁଇଁ ୧୦୦..." ସାରେ କହିଲେ, "ଏବେ ବ୍ରେକ୍ ଲଗା । ଏଇ ଲିଷ୍ଟ୍ ନେ । ପୋଟଳ, କାଙ୍କଡ଼ ଛାଡ଼ି ଆଉ ସବୁ ଦେଇ ଦେ ।" ନାରଣ ସବୁ ଦେଇ ହିସାବ କରିବାରେ ଲାଗିଲା । ସାରେ ତାକୁ ୫୦୦ ଟଙ୍କିଆ ନୋଟ୍‌ଟେ ବଢ଼େଇ ପଇସା ଫେରି ପାଇବା ପାଇଁ ଅପେକ୍ଷା କଲେ । ନାରଣ ହିସାବ କରି ସାରି କହିଲା, "ସାରେ ଆଉ ୬୦ ଟଙ୍କା ଦିଅନ୍ତୁ ।" ସାରେ ଚମକି ପଡ଼ିଲେ । କ'ଣ ହେଲା ୫୦୦ ଟଙ୍କା ବି କମ୍ ପଡ଼ିଲା । ଦେଖିଲା ବେଳକୁ ବ୍ୟାଗ୍ ବି ପୂରିନି । ହଉ । ବାକି ଟଙ୍କା ଦେଇ ବ୍ୟାଗ୍ ଧରି ଘର ମୁହାଁ ହେଲେ । ଗୋଟିଏ ଚିନ୍ତା ହେଲା ପୋଟଳ ଆଣି ନାହାନ୍ତି । ଘରଣୀ ପଚାରିଲେ କହିବେ କ'ଣ ।


ଏମିତି ଭାବୁ ଭାବୁ ଗାଁ ସ୍କୁଲ ପାଖା ପାଖି ରାସ୍ତା ପାଖରେ ୭୦/୭୫ ବର୍ଷର ବୁଢ଼ୀଟିଏ ଖରାରେ ବସିଥିବାର ଦେଖିଲେ । ନିଜ ପିନ୍ଧା ଲୁଗା କାନି ବିଛେଇ କିଛି ପୋଟଳ ରଖି ବସିଥାଏ । ସାରେ ଗାଡ଼ି ବ୍ରେକ୍ ମାରି ସ୍ଲୋ କଲେ ଆଉ ପଚାରିଲେ, "ମାଉସୀ ପୋଟଳ କେତେ ଲେଖାଁ?" ବୁଢ଼ୀ ଉତ୍ତର ଦେଲା, "ବାବୁରେ ଦାମ୍ କ'ଣ ମୁଁ ଜାଣିନି । ୫୦ ଟଙ୍କା ଦେଇ ନେଇଯା' ।" ସାରେ ଅନୁମାନ ଲଗେଇଲେ ପୋଟଳ କେଜିଏରୁ ଅଧିକ ହେବ । ବଜାରରେ ତ ୯୦ ଟଙ୍କା । ନିହାତି ଲାଭ ଅଛି । ସେଇଠୁ ଗାଡ଼ି ଷ୍ଟାର୍ଟ ବନ୍ଦ କରି ଓହ୍ଲେଇ ବୁଢ଼ୀ ପାଖକୁ ଗଲେ । କହିଲେ ମାଉସୀ ଦେଇଦିଅ । ବୁଢ଼ୀ ପୋଟଳ ଗୋଟେଇବାରେ ଲାଗିଲା । ସାରେ ବ୍ୟାଗ୍‌ରେ ରଖିସାରି ପଇସା କାଢ଼ି ଦେଲା ବେଳେ ପଚାରିଲେ, "ମାଉସୀ ବଜାରରେ ପୋଟଳ ତ ଅଧିକ ଦାମ୍ । ତମେ ଶସ୍ତାରେ ବିକୁଛ କାହିଁକି?" ବୁଢ଼ୀ କହିଲା "ବାବୁରେ ଶସ୍ତା କ'ଣ ଦାମ୍ କ'ଣ ମୁଁ ଜାଣିନି । ଘରେ ଚାଉଳ ୨ଟା ଛଡ଼ା ଆଉ କିଛି ନାହିଁ । ପୁଅ ବୋଉ ୨ ଜଣ ଡାକତର ଖାନାରେ । କରୁଣା ନାଗି ଯାଇ ୭ ଦିନ ହେଲା ଅଛନ୍ତି । ଘରେ ୧୫ ବରଷର ନାତୁଣୀ ଆଉ ମୁଁ । କ'ଣ ଆଉ କରିମି । ବିଲରେ ପୁଟଳ ୨ଟା ଛଡ଼ା ଆଉ କିଛି ନଥିଲା । ସେଇକୁ ଦେଇ ଆଳୁ, ଡାଲି, ତେଲ, ଲୁଣ ନେଲେ ଆମେ ୨ ଜଣ ୨ ଦିନ ବଞ୍ଚିଯିବୁ ।" ସାର୍‌ଙ୍କ ହାତ ପର୍ସରେ ଅଟକି ଗଲା । କିଛି ଭାବି ପାରିଲେନି । ନିଜକୁ ବହୁତ ଛୋଟ ଅନୁଭବ କଲେ । ପୋଟଳ ୨୦ ଟଙ୍କା ଅଧିକ ଥିଲା ବୋଲି ତାଙ୍କ ପରି ଧନୀ ଲୋକ ପୋଟଳ କିଣିଲାନି । କିନ୍ତୁ ଏ ଗରିବ ବୁଢ଼ୀ ୧୦୦ ଟଙ୍କାର ଜିନିଷକୁ ୫୦ ଟଙ୍କାରେ ବିକିବାର ସାହସ ରଖିଛି !! ଆଖିରେ ଲୁହ ଜକେଇ ଆସିଲା । କହିଲେ, "ମାଉସୀ ଏଇଠି ବ୍ୟାଗ୍‌ରହିଲା, ମୁଁ ୫ ମିନିଟ୍‌ରେ ଆସୁଛି ।" ବୁଢ଼ୀ କହୁଥାଏ, "ବାବୁରେ ଶୀଘ୍ର ଆସିବୁ । ଘରେ ନାତୁଣୀ ଏକୁଟିଆ ଅଛି ।" ସାରେ କିନ୍ତୁ କିଛି ଶୁଣିବା ପାଇଁ ସେଠାରେ ନଥିଲେ । ସ୍କୁଲ ପାଖ ତେଜରାତି ଦୋକାନରୁ ୨ କେଜି ଆଳୁ, ୧ କେଜି ଡାଲି, ୫୦୦ ମିଲି ସୋରିଷ ତେଲ ଆଉ ଲୁଣ

ପ୍ୟାକେଟ୍ ଧରି ପହଞ୍ଚିଲେ । ବୁଢୀ କହଲା, "ବାବୁରେ ପଇସା ଦେ, ମୁଁ ଯାଏ । ଆଳୁ ତେଲ ନେଲେ ନାତୁଣୀ କ'ଣ ମୁଠାଏ ରାନ୍ଧିବ ।" ସାର୍ ଆଣିଥିବା ସଉଦା ମୁଣିଟିକୁ ବଢ଼ାଇ ଦେଇ କହିଲେ, "ମାଉସୀ ଦୋକାନ ଯିବା ଦରକାର ନାହିଁ । ମୁଁ ସବୁ ନେଇ ଆସିଛି । ଏଇ ନିଅ ଆଉ ଘରକୁ ଯାଅ । ଆଚ୍ଛା ତୁମ ଘର କେଉଁଠି?" ମାଉସୀ ଉତ୍ତର ଦେଲା, "ବାବୁରେ ପଦମପୁର ।" ସାରେ ହିସାବ କଲେ । ଏଇଠୁ ପ୍ରାୟ ୩ କିଲୋମିଟର ହେବ । ଏଇ ଖରାରେ ବୁଢ଼ୀଟା ଚାଲି ଚାଲି ଆଉ ଏ ସଉଦା ବୋଝ ଉଠେଇ କେମିତି ଯିବ? ସେ ତା' ସଉଦା ବ୍ୟାଗ୍‌କୁ ଗାଡ଼ିରେ ରଖି କହିଲେ, "ମାଉସୀ ତୁମେ ମୋ ପଛରେ ବସ । ମୁଁ ତୁମକୁ ତୁମ ଘରେ ଛାଡ଼ି ଦେବି ।" ହେଲେ ବୁଢ଼ୀ ଟିକେ ସଙ୍କୋଚ ପ୍ରକାଶ କରି କହିଲା, "ନାହିଁରେ ବାବୁ । ତୁ କାହିଁକି କଷ୍ଟ କରିବୁ । ମୁଁ ଗୋଟେ ଗୋଟେ ଚାଲିଯିବି ।" ସାରେ ଦେଖିଲେ ଟିକେ ମିଛ ନ କହିଲେ ବୁଢ଼ୀ ରାଜି ହେବନି । ସେ କହିଲେ, "ଏଥିରେ କଷ୍ଟ କ'ଣ, ମୋ ଘର ତ ସେଇ ପଟରେ । ମୁଁ ତୁମ ଗାଁ ଦେଇ ଯିବି, ସେଇଠି ତୁମ ଘର ପାଖରେ ଓହ୍ଲେଇ ଦେବି ।" ଯାହାହେଉ ବୁଢ଼ୀ ରାଜି ହେଲା ।

ସାରେ ତାକୁ ଛାଡ଼ି ଘରେ ପହଞ୍ଚିଲା ବେଳକୁ ଦିପହର ୧ଟା ବାଜିଲାଣି । ଘରଣୀ ପଚାରିଲେ, "ଏତେ ଲେଟ୍ କାହିଁକି ହେଲା? ଗାଧୋଇ ଖାଇବନି କି?" ସାରେ କିଛି ନକହି ବ୍ୟାଗଟା ରଖିଦେଇ ବିଛଣା ଉପରେ ବସି ପଡ଼ିଲେ । କାନ୍ଥରେ ଲାଗିଥିବା ଜଗନ୍ନାଥ ଫଟୋକୁ ଚାହିଁ କହିଲେ, "ହେ କରୁଣାମୟ, ତୁମ କରୁଣାର ଏ କି ଅକରୁଣ ଦୃଶ୍ୟ ଦେଖେଇଲ ପ୍ରଭୁ !"

ଜୟ ଜଗନ୍ନାଥ ।

- ବିଶ୍ୱନାଥ କିଙ୍କର ରାଉତ



ଶୁଭପଲ୍ଲବର ୧ମ ମୁଦ୍ରିତ ପୁସ୍ତକ

ପ୍ରମୋଦ ପଣ୍ଡାଙ୍କ ଶଙ୍ଖନାଦ

ଶୁଭପଲ୍ଲବ ଷ୍ଟୋରରେ ଉପଲବ୍ଧ

(at ₹199/- only)

Buy Now!

କାକର


ରାତିସାରା ତୋଫା ଜୋଛନାକୁ ସାଉଁଟି ପିନ୍ଧି, ଲାଜେଇ ଯାଉଥିଲି...
ଦୁର୍ବାର ବାସନା ମୋ, କୁହୁଡ଼ିରେ ପହଁରି
ଲୁଚାଇଦେବାକୁ ତାକୁ,
ମୁରୁକି ହସୁଥିଲେ ତାରା !
ଘୁରି ଘୁରି ଉଡୁଥିଲା ଜହ୍ନ,
ଜଣା ନାଇଁ ମୋତେ, ମସଗୁଲ ସେ,
ଉଜାଗର କୁମୁଦିନୀ ନୀଳ ନୀଳ ଆଖି !!
ଅବଶ ମୁଁ,
ଜଡ଼େଇ ଝରୁଛି ଟୋପା ଟୋପା...
ନିଚ୍ଛକ ପ୍ରବଣତାର ଏ ଅଶ୍ରୁ,
ଏବେ ସଜାଇଛି !
ଦୂବର ମୁକ୍ତାମୁକୁଟ, ସିକ୍ତକଢ଼ି ଶିରପାଟ,
ବେଧଡ଼କ ଭାସିବାର ମୋ ସ୍ୱପ୍ନଯାକ ତରଳି ମାଟି ଭିଜାଉଛି...
ଆଉଥରେ ଆସିବି କହି ଅପସରି ଯାଇଛି,
ସେ ନିଲଜିଆ ଚାନ୍ଦ, ଉକୁଟୁଛି ରବି,
ମୁଠା ମୁଠା ରକ୍ତ ଅବିର ମାଖିଛି !
ବହୁରୂପୀ ଆକାଶ !
କଅଁଳ କିରଣର ଲହଡ଼ି ଭାଙ୍ଗୁଛନ୍ତି,
ଚାରୁଲତା ଜୀବନ ସକଳ...
ଅବସନ୍ନ ତନୁରେ ମୋ ନୂଆଁ ପୁଲକଟେ,
ସପ୍ତରଙ୍ଗୀ ଇନ୍ଦ୍ରଧନୁ ଖେଳେ,
ହୀରକକୁ ନିନ୍ଦା, ଭରଣେ ଉଚ୍ଛନ୍ନତାରେ ଉଷ୍ମ ରଶ୍ମି ପିଇଯାଏ,
ଯା' ହେଉ କେହି ତ ଆପଣାର,
ଅସରା କାମନାର ବିସ୍ଫୋଟରେ ଫାଟିପଡ଼ି, ଉଠୁଛି ଉପରକୁ...
ପୁଣିଥରେ,
ଜହ୍ନ ଯେ ଆସିବ !!!





ସଂଜୀବ କୁମାର ଦାଶ


କିଛି ପ୍ରକାଶିତ ଇ-ପତ୍ରିକା (Click on the Image to Download)









































ଜେଜେ ନାତିର ଯୋଡ଼ି

ଝରଣା ପ୍ରଧାନ

"ଆରେ ସୁକୁଟା ! କୁଆଡ଼େ ଗଲୁ !" ପାଟି କରି ଡାକ ପକାଉଥାନ୍ତି ଜେଜେ । ସେପଟୁ ସ୍ପନ୍ଦନ ପାଟି କରି ଉଠିଲା, "କଣ ଯେ ଜେଜେ, ମୋର ଏତେ ଭଲ ନାଁ ବାପାବୋଉ ରଖିଛନ୍ତି ତମେ କିନ୍ତୁ ସୁକୁଟା ଡାକି ପୁରା ନାଁ ଖରାପ କରିଦେଉଚ । ସେଇଟା ବି ବଡ଼ ପାଟିରେ ପୁରା ଗାଁ ସାରା ଲୋକ ଶୁଣିଲା ଭଳି ଡାକୁଚ । ଜେଜେମା ଭଳି କାହ୍ନୁ ହେଲେ ଡାକ । କେଡ଼େ ସୁନ୍ଦର ଡାକ ନାଁ ଦେଇଛନ୍ତି ।" ଜେଜେ ହସି କହିଲେ, "ମୁଁ ଏ ଘରେ ଗୋପୀମାନଙ୍କ ଭିଡ଼ ଚାହୁଁନି ତେଣୁ କାହ୍ନୁ ଡାକୁନି ।" ସ୍ପନ୍ଦନ ହେଉଛି ଗୋଲକ ଜେଜେଙ୍କ ଏକ ମାତ୍ର ନାତି । ନବମ ଶ୍ରେଣୀରେ ପଢ଼େ । ପୁଅ ପାଖ ସହରରେ ଚାକିରୀ କରେ ଓ ପରିବାର ନେଇ ରହେ । ଛୁଟିରେ ବୋହୁ, ନାତି ଆସିଛନ୍ତି ଗାଆଁକୁ । ଜେଜେ ଭାରି ଭଲ ପାଆନ୍ତି ନାତିକୁ ତେଣୁ ସବୁବେଳେ ଲାଗିଥାନ୍ତି ତା' ସହ । ସ୍ପନ୍ଦନ କହିଲା "ହଉ କ'ଣ ହେଲା କୁହ । କାହିଁକି ଡାକ ପକେଇଲ?" ଜେଜେ କହିଲେ, "ମୁଁ ଗୋଟିଏ କାମରେ ବାହାରକୁ ଯାଉଛି । ଜେଜେମାକୁ କହିବୁ ମୋର ଡେରି ହେବ ।" ସ୍ପନ୍ଦନ ଆଶ୍ଚର୍ଯ୍ୟ ହେଇ କହିଲା, "ରବିବାରରେ ପୁଣି ତମର କ'ଣ ଜରୁରୀ କାମ ! ପୁଣି ସ୍କୁଲ ପ୍ରଧାନ ଗୁରୁଜୀ କାହିଁକି କଲ କରିଥିଲେ !" ଜେଜେ କହିଲେ "ହଉ ତୁ ମୋ ସହ ଆସିବୁ ଯଦି ଆସ । କିନ୍ତୁ ଏଇଟା ଗୋଟିଏ ଗୁପ୍ତ କଥା । କାହାକୁ କିଛି କହିବୁନି । ଆଉ ସାହାଯ୍ୟ କରିବାକୁ ହେବ ।" ସ୍ପନ୍ଦନ ହସି କହିଲା, "ତମକୁ ପୁଣି ସାହାଯ୍ୟ ଦରକାର, ଗାଁ ପ୍ରଧାନ ବୁଢ଼ା ସାହାଯ୍ୟ ମାଗିଲାଣି ଶୁଣିଲେ ଲୋକ ହସିବେ ଜେଜେ ।" ଜେଜେ କହିଲେ, "ହଉ, ଏ ସହରୀ ଟୋକାର ଚାଲାକିର ପରୀକ୍ଷା ବି ହେଇଯାଉ । ତୁ କେତେ

ପାଣିରେ ଅଛୁ ମୁଁ ବି ଦେଖେ ।" ସ୍ପନ୍ଦନ କହିଲା, "ହଉ କ'ଣ କୁହ ତାହେଲେ ।" ଜେଜେ କହିଲେ, "କାନୁମାନଙ୍କର ବି କାନ ଥାଏରେ ପୁଅ, ଚାଲ ଯିବା ସ୍କୁଲ ଆଡ଼େ । ଗଲା ବେଳେ ସବୁ କହିବି ତୋତେ ।"

ଜେଜେ ନାତି ସ୍କୁଲ ଆଡ଼େ ଚାଲିଲେ । ଜେଜେ ଆରମ୍ଭ କଲେ । କହିଲେ, "ଆମ ଗାଁ ସ୍କୁଲରେ ବାର୍ଷିକ ମହୋତ୍ସବ ପାଇଁ ସବୁ ପୁରସ୍କାର ଆଣି ରଖା ହେଇଥିଲା । ତିନିଦିନ ବାର୍ଷିକ ମହୋତ୍ସବ ହେବ । କିନ୍ତୁ ସେଥିରୁ କିଛି ପୁରସ୍କାର ଚୋରି ହେଇଯାଇଛି । ଏ କଥା ଖାଲି ଗାଁର ପ୍ରଧାନ ଶିକ୍ଷକ ଆଉ ମୁଁ ଜାଣିଛୁ ।" ଜେଜେ ଓ ସ୍ପନ୍ଦନ ସ୍କୁଲରେ ପହଞ୍ଚିଗଲେ । ପ୍ରଧାନ ଶିକ୍ଷକ ଅପେକ୍ଷା କରିଥିଲେ । ଜେଜେ ପଚାରିଲେ, "କଣ କ'ଣ ଚୋରି ହେଇଚି ପ୍ରଧାନ ଶିକ୍ଷକ ମହୋଦୟ?" ଗୁରୁଜୀ କହିଲେ, "କଣ କହିବି ଆଜ୍ଞା, "ପିଲାଙ୍କୁ କିଛି ଭଲ ପୁସ୍ତକ ପୁରସ୍କାର ସ୍ୱରୂପ ଦେବାକୁ କଲେକ୍ଟର କହିଥିଲେ ନା, ସେହି ପୁସ୍ତକସବୁ ଚୋରି ହେଇ ଯାଇଚି ପରା । କାଲି ସକାଳେ ପୁରସ୍କାର ସବୁ ଆସି ଥିଲା । ଆଜି ସକାଳେ ଆସି ଦେଖିଲେ ବେଳକୁ ପୁସ୍ତକ ସବୁ ନାହିଁ । କୋଡ଼ିଏଟି ପୁସ୍ତକ ଆଣିଥିଲି । କ'ଣ କରିବି ଯେ ! ଏଥର କଲେକ୍ଟର ପୁଣି ଆସିବେ ମୁଖ୍ୟ ଅତିଥି ରୂପେ । ପୁସ୍ତକ ନାହିଁ ଦେଖି ନିହାତି ରାଗିବେ । ମୋ ଚାକିରୀ ଗଲା ଜାଣନ୍ତୁ ।" ଜେଜେ କହିଲେ, "କିଛି ହେବନି, ତିନି ଦିନ ଅଛି । ଆମେ ସବୁ ଠିକ କରିନେବା ।"

ସବୁ ଶୁଣୁଥିବା ସ୍ପନ୍ଦନ ପ୍ରଶ୍ନ କଲା, "ଗୁରୁଜୀ ଖରାପ ଭାବିବେନି, ଗୋଟିଏ ପ୍ରଶ୍ନ ପଚାରିବି ଆପଣଙ୍କୁ । ଆପଣ କାହିଁକି ଆଜି ସ୍କୁଲ ଆସିଲେ !" ଗୁରୁଜୀ କହିଲେ, "ତମେ କ'ଣ ପାଇଁ ପଚାରୁଛ ମୁଁ ବୁଝୁଛି ପୁଅ । ମୋର ପର୍ସଟିକୁ ମୁଁ ଛାଡ଼ି ଦେଇଥିଲି ସ୍କୁଲରେ, ସକାଳୁ ମାକେଟିଂ ପାଇଁ ବାହାରିଲି ତ ମନେ ପଡ଼ିଲା । ତେଣୁ ନେବାକୁ ଆସିଲି । ସବୁ ପୁରସ୍କାର ଏଇ ରୁମରେ ଥିଲା । ତେଣୁ ମୁଁ ଜାଣିପାରିଲି ଯେ କିଛି ପୁରସ୍କାର ନାହିଁ । ରାତିରେ ହିଁ ଚୋରି ହେଇ ଯାଇଚି । କିନ୍ତୁ ଆଶ୍ଚର୍ଯ୍ୟର କଥା ଝରକା କବାଟ ବନ୍ଦ ଅଛି । ପେଟିରୁ ସବୁ ବହି କାଢ଼ି ନେଇ ପେଟିକୁ ସେମିତି ରଖି ଦେଇଛି ଚୋର । ମୋ ହାତ ବାଜି ପେଟି ପଡ଼ିଯିବାରୁ ଜାଣିଲି ଯେ ପେଟି ଖାଲି ଅଛି ।" ଜେଜେ ପ୍ରଶ୍ନ କଲେ, "ଆଚ୍ଛା ମହୋଦୟ ! ପୁରସ୍କାର ଆସିବା କଥା କିଏ ସବୁ ଜାଣିଥିଲେ?" ପ୍ରଧାନ ଶିକ୍ଷକ କହିଲେ, "ଶିକ୍ଷକ ମାନେ, ପିଅନ ଆଉ ମୁଁ ।" "ଆପଣ ଆଉ କାହା ସହ ଏ ବିଷୟରେ କଥା ହେଇ ନାହାନ୍ତି କି?" ପ୍ରଧାନ ଶିକ୍ଷକ କହିଲେ, "ଅଷ୍ଟମ ଶ୍ରେଣୀରେ ମୁଁ କ୍ଲାସ କରୁଥିଲି, ସେତିକି ବେଳେ ପିଅନ ଆସି

ମୋତେ ଖବର ଦେଲା ।" ସ୍ପନ୍ଦନ କହିଲା, "ଜେଜେ ତାହେଲେ ଅଷ୍ଟମ ଶ୍ରେଣୀ ଉପରେ ନଜର କରିବାକୁ ହେବ ।" ଜେଜେ କହିଲେ, "ପିଅନକୁ ଡାକନ୍ତୁ ଗୁରୁଜୀ ।" ଗୁରୁଜୀ ପିଅନକୁ କଲ କରି ଡାକିଲେ ।

ପିଅନ ଆସିବା ପରେ ଜେଜେ ତାକୁ ପଚାରିଲେ, "କିଏ କିଏ ପ୍ରଧାନ ଗୁରୁଜୀ କକ୍ଷକୁ ଆସିଥିଲେ ଶନିବାର ଦିନ?" ପିଅନ ମନେ ପକାଇ କହିଲା, "ମୋ ଦେଖିବାରେ ଷଷ୍ଠ ଶ୍ରେଣୀ କୁନି ତାଙ୍କ ଶ୍ରେଣୀ ଖାତା ନେବାକୁ, ଦଶମ ଶ୍ରେଣୀ ଆକାଶ ସାରଙ୍କୁ ଦେଖା କରିବାକୁ, ତାକୁ ଶ୍ରେଣୀ ଶିକ୍ଷକ ପଠେଇ ଥିଲେ, ଆଉ ଅଷ୍ଟମ ଶ୍ରେଣୀ ବିନୟ ତାଙ୍କ ଶ୍ରେଣୀ ଖାତା ସବୁ ରଖିବାକୁ ।" ଜେଜେ କହିଲେ, "ତାଙ୍କ ଆସିବା ସମୟ ମନେ ଅଛିକି !" ପିଅନ କହିଲା, "ହଁ, କୁନି ସକାଳେ । ଆକାଶ ଦି' ଟା ରେ, ଆଉ ସ୍କୁଲ ଛୁଟି ହେବା ସମୟରେ ବିନୟ । ବିନୟ ପଶିବା ବେଳେ ମୁଁ ତାଲା ପକେଇବାକୁ ଯାଉଥିଲି । ସେ ଖାତା ରଖିବ କହିବାରୁ ପାଖ କ୍ଲାସ ରୁମ ତାଲା ପକେଇବାକୁ ଗଲି ।" ସ୍ପନ୍ଦନ କହିଲା, "ଜେଜେ ମୋତେ କାହିଁକି ବିନୟ ଉପରେ ସନ୍ଦେହ ହେଉଛି ।" ପ୍ରଧାନ ଶିକ୍ଷକ କହିଲେ, "ବିନୟ କିନ୍ତୁ ଭାରି ଭଲ ପିଲାଟି ।" ସ୍ପନ୍ଦନ କହିଲା, "ଜେଜେ ଗୋଟାଏ ପ୍ଲାନ ଅଛି ।" ଜେଜେ ପଚାରିଲେ କ'ଣ !" ସ୍ପନ୍ଦନ କହିଲା, "ଜେଜେ ଝରକା ହୁକ ଯେମିତି ବନ୍ଦ ହେଇଚି, ଜଣେ କୌଶଳ କଲେ ବାହାରୁ ସେମିତି କରି ପାରିବ । କାଲି ବିନୟ ପାଖରେ ଥିବା ସମୟରେ ପ୍ରଧାନ ଶିକ୍ଷକଙ୍କୁ ପିଅନ ମଉସା କହିବେ ଯେ ବାକି ବହି ବି ଆସି ଯାଇଛି । ପେଟିକୁ ପ୍ରଧାନ ଶିକ୍ଷକ କକ୍ଷରେ ରଖିଦେଇଛି ।" ଆମେ କ'ଣ କରିବା ନା, ଗୁରୁଜୀଙ୍କ ମୋବାଇଲରେ ଭିଡ଼ିଓ କଲ କରି, ଆମ ଭିଡ଼ିଓ, ଅଡ଼ିଓ ବନ୍ଦକରି ଛାଡ଼ିଦେବା । ଗୁରୁଜୀ ମୋବାଇଲ ଟା ଏମିତି ଜାଗାରେ ରଖିବେ ଯେ ଆମେ ଝରକା ଆଉ କବାଟ ଦେଖି ପାରିବା ।

ପରଦିନ ସବୁ ଜିନିଷ ନିର୍ଦ୍ଧାରିତ ଯୋଜନା ଅନୁସାରେ ହେଲା । କ୍ଲାସ ସରିଲା ବେଳେ ବିନୟ ତା' ଖାତା ହଜି ଯାଇଛି, ଖୋଜିବା ବାହାନାରେ ଆସିଲା । ନୂଆ ପେଟି ଆଡ଼େ ସେ ଲକ୍ଷ୍ୟ କଲା ଆଉ ଝରକା ପାଖରେ କିଛି କଲା ଭଳି ପ୍ରତିତ ହେଲା । ବନ୍ଦ ଥିବା ଝରକାକୁ ଖୋଲି ପୁଣି ବନ୍ଦ କଲା । ଫାଇଲ ମଝିରେ ମୋବାଇଲ ଭିଡ଼ିଓ କଲରେ କ୍ୟାମେରା ଚାଲୁଥିବାର ତାକୁ ଜଣା ପଡ଼ିଲା ନାହିଁ । ଜେଜେ ଓ ସ୍ପନ୍ଦନ ଘରେ ବସି ସବୁ ଦେଖୁଥାନ୍ତି । ଏବେ ରହିଲା ବିନୟକୁ ଚୋରି କରିବା ବେଳେ ଧରିବା ଓ ତା'ର କାରଣ କ'ଣ ଜାଣିବା । ସ୍କୁଲ ଛୁଟି ହେଲା ସମସ୍ତେ ପଳେଇଲେ । ବିନୟ ମଧ୍ୟ ତା' ସାଙ୍ଗ ମାନଙ୍କ ସହ ବାହାରିଗଲା

ତା' ଘରକୁ । ଯୋଜନା ଅନୁସାରେ ଜେଜେ ଓ ସ୍କନ୍ଧନ ଆସି ପ୍ରଧାନ ଶିକ୍ଷକଙ୍କ କକ୍ଷରେ ଲୁଚି ବସିଲେ । । ଅନ୍ଧାର ହେବା ପରେ, ଝରକାରେ କିଛି ଖଡ଼ଖଡ଼ ହେଲା । କେହି ଜଣେ ଭିତରକୁ ପଶିଲା ଆଉ ପେଟିଟି ଖୋଲି ବହିସବୁ ବ୍ୟାଗରେ ଭରୁଛି । ଜେଜେ ବିଳମ୍ବ ନ କରି ଲାଇଟ ଜଳେଇଲେ । ଦଉଡ଼ି ପଳାଇବାକୁ ଚେଷ୍ଟା କରୁଥିବା ବିନୟକୁ ଝରକା ପାଖରେ ସ୍କନ୍ଧନ ଧରିଲା । କବାଟ ଖୋଲି ପଶି ଆସିଲେ ପ୍ରଧାନଶିକ୍ଷକ ଓ ପିଅନ ।


"ଏ କ'ଣ ହେଉଛି ବିନୟ !" ଗର୍ଜି ଉଠିଲେ ପ୍ରଧାନଶିକ୍ଷକ । ଜେଜେ ତାଙ୍କୁ ଶାନ୍ତ ହେବାକୁ କହି ବିନାୟକୁ ଏହାର କାରଣ ପଚାରିଲେ । ବିନୟ କାନ୍ଦି କାନ୍ଦି କହିଲା, "ପ୍ରଧାନ ମହୋଦୟ ! ମୋତେ ପଢ଼ିବାକୁ ଭାରି ଭଲ ଲାଗେ । ମାତ୍ର ପଢ଼ିବାକୁ ମୁଁ କିଛି ବହି ଯୋଗାଡ଼ କରି ପାରେନା । ମୋବାଇଲ ତ ଦୂରର କଥା ବାପାଙ୍କର ତ ପଇସା ନାହିଁ ବହି ଖଣ୍ଡେ କିଣିବାକୁ । ତେଣୁ ଲୋଭ ସମ୍ଭାଳି ନ ପାରି ବହିସବୁ ଚୋରି କଲି ।" ପିଅନ କହିଲା, "ତୁ ପଶିଲୁ କେମିତି !" ସ୍କନ୍ଧନ କହିଲା, "ମୁଁ କହୁଛି ମଉସା । ଆପଣ ଝରକା ବନ୍ଦ କରି କବାଟ ଦେବା ସମୟରେ ସେ ଆସେ । ଭିତରକୁ ଯାଇ ଝରକା ଖୋଲେ । ଝରକା ହୁକରେ ଗୋଟିଏ ସୂତା ବାନ୍ଧେ ଓ ଅନ୍ୟ ମୁଣ୍ଡକୁ ଝରକା କବାଟ ଉପର ଆଡୁ ବାହାରକୁ କରେ । ଆଉ ହୁକ ଏମିତି ଲଗାଏ ଯେ ପରେ ବାହାର ଆଡୁ ସୂତା ଟାଣିଲେ ହୁକ ଟାଣିହେଇ ଖୋଲିଯିବ । ଆଉ ଏ ଝରକାରେ ରଡ଼ ନ ଥିବାରୁ ପଶିବାକୁ ସୁବିଧା ହେଲା । ପ୍ରଧାନ ଶିକ୍ଷକ କହିଲେ, "ବିନାୟକୁ କଡ଼ା ଦଣ୍ଡ ଦେବାକୁ ହେବ ।" ଜେଜେ କହିଲେ, "ବିନାୟକୁ ଏଥର ଛାଡ଼ି ଦିଅନ୍ତୁ । ତା' ଲୁହ କହୁଛି ସେ ପଶ୍ଚାତାପ କରୁଛି । ହୁଏତ ବିନୟର ଏ ଦୋଷ ପଛରେ ଆମେ ହିଁ ଅଛେ । ଆମ ଛୁଆଙ୍କୁ ଆମେ ମୋବାଇଲ, ଲ୍ୟାପଟପ ଦେଇଛେ । ମାତ୍ର ଗାଁ ଛୁଆଙ୍କ ପାଇଁ ଆମେ କ'ଣ ଅଧିକା କରିଛେ କହୁନାହାନ୍ତି !" ପ୍ରଧାନ ଶିକ୍ଷକ ଆଶ୍ଚର୍ଯ୍ୟ ହେଇ କହିଲେ, "ଏ କ'ଣ କହୁଛନ୍ତି ଆଜ୍ଞା ! କୋଉଠି ଭୁଲ ରହିଲା ଆମର?"

ଜେଜେ କହିଲେ, "ପିଲାଙ୍କୁ ନିର୍ଦ୍ଧାରିତ ପାଠ୍ୟକ୍ରମ ଅନୁସାରେ ପଢ଼ାଉଛେ, ସରକାରୀ ନିୟମ ମାନୁଛେ । ଏତିକି ।" ଗୋଟିଏ କାମ କରିବା । "ମୁଁ ଆପଣଙ୍କୁ ପଇସା ଦେବି । ଆପଣ କୋଡ଼ିଏଟା ଟ୍ରଫି ନେଇ ଆସିବେ । ବଳକା ଟଙ୍କାରେ କିଛି ଭଲ ପୁସ୍ତକ ।" ପ୍ରଧାନ ଶିକ୍ଷକ କହିଲେ, "ଏ ସବୁ ତ ଠିକ ଅଛି ଆଜ୍ଞା । କିନ୍ତୁ କଲେକ୍ଟରଙ୍କ କଥା... ।" ଜେଜେ କହିଲେ, "ସବୁ ବହି ରଖି ଆପଣ ଗୋଟିଏ ଛୋଟ ପାଠ୍ୟଗାର କରନ୍ତୁ । କଲେକ୍ଟରଙ୍କୁ ମୁଁ କହିବି, ସେ ଉଦଘାଟନ କରିବେ । ସେ ବରଂ ଖୁସି ହେବେ ଯେ, ସବୁ ପିଲାଙ୍କୁ ସୁବିଧା

ମିଳିବ ସବୁ ବହି ପଢ଼ିବାକୁ ।" ପ୍ରଧାନ ଶିକ୍ଷକ ଖୁସି ହେଇ କହିଲେ, "ମୁଁ ମଧ୍ୟ ନିଜ ପଇସାରୁ କିଛି ମାଗଜିନ ସବୁ ମାସ ମଗେଇବି । ପିଲା ନୂଆ କଥା ଜାଣିବେ ।" ସ୍ପନ୍ଦନକୁ ମୁହଁ ସୁଖେଇ ଛିଡ଼ା ହେବାର ଦେଖି ଜେଜେ ପଚାରିଲେ, "ତୋର କ'ଣ ହେଲା କିରେ !" ସ୍ପନ୍ଦନ କହିଲା, "ଜେଜେ ଆମକୁ କେତେ ସୁବିଧା ମିଳୁଛି । ମାତ୍ର ଆମେ ମୋବାଇଲରେ ଗେମ ଖେଳି ସମୟ ପାର କରିଦେଉଛୁ । ମାତ୍ର କିଛି ପିଲା ବହି ଖଣ୍ଡେ ପଢ଼ିବାକୁ କେତେ କଷ୍ଟ କରୁଛନ୍ତି ନା ! ମୁଁ ଆଜିଠୁ ମୋ ସମୟ ଠିକ କାମରେ ଲଗେଇବି । ଆଉ ମୁଁ ମଧ୍ୟ କିଛି ବହି ସଂଗ୍ରହ କରି ତମ ପାଖକୁ ପଠେଇବି । ବାପାଙ୍କୁ ବି କହିବି ସେ ବାହାରେ ଯାହା ଦାନ କରୁଛନ୍ତି, କିଛି ଟଙ୍କା ଗାଁ ସ୍କୁଲ ଉନ୍ନତି ପାଇଁ ଖର୍ଚ୍ଚ କରନ୍ତୁ ।"

ଜେଜେ ହସି କହିଲେ, "ଫୋନରେ ପ୍ରଧାନ ଶିକ୍ଷକଙ୍କ ଠାରୁ ଖାଲି ବହି ଚୋରି ଶୁଣି ମୁଁ ଜାଣିଲି କିଛି ଖାସ କାରଣ ଥିବ ଏ ଚୋରିରେ । ଆଉ ଜଣେ ଛାତ୍ର ହିଁ ଛାତ୍ରର ଚାଲାକି ବୁଝି ପାରିବ । ତେଣୁ ତତେ ଆମ ଅନୁସନ୍ଧାନ କାର୍ଯ୍ୟରେ ମିଶେଇ ଥିଲି । ଭଲ ହେଲା ମୋ ସୁକୁଟାର ବି ଆଖି ଖୋଲିଗଲା ।" ସ୍ପନ୍ଦନ ଚିଲ୍ଲେଇ ଉଠିଲା, "ଜେଜେ ଫେର ସୁକୁଟା !" ଉପସ୍ଥିତ ସମସ୍ତେ ହସି ଉଠିଲେ ଆଉ ନିଜ ନିଜ ଘରକୁ ଯିବାକୁ ପ୍ରସ୍ତୁତ ହେଲେ ।

- **ଝରଣା ପ୍ରଧାନ**



1st Anthology of
Shubhapallaba Publication

पंक्तियों में पंख

Available on
Amazon Kindle & Google Books

Buy Now!



ମରଣ ମୋ ପାଇଁ

ଅନସୂୟା ପଣ୍ଡା

ବିକଟାଳ ଶବ୍ଦ କରି ଆମ୍ବୁଲାନ୍ସଟା କଲୋନୀ ଭିତରକୁ ମାଡ଼ି ଆସୁଥିଲା । ପଛକୁ ପଛ ଦଶ ବାରଟି କାର୍ ଆଉ କେତେଗୁଡ଼ିଏ ବାଇକ୍ ଆପାର୍ଟମେଣ୍ଟ ଆଗରେ ଆସି ପହଞ୍ଚିଗଲା । କମ୍ପିଉଠିଲା କମ୍ପାଉଣ୍ଡଟି । ସାମ୍ନାରେ ମାରୁଆଡ଼ି ଭୋଜନାଳୟ । ଚୌଧୁରୀ ବାବୁ କାନ୍ଦି କାନ୍ଦି ଗଡ଼ି ଯାଉଥାନ୍ତି । ଚୌଧୁରୀ ବାବୁଙ୍କ ବାପା ବାଲକୋନିରୁ ପଡ଼ି ଯାଇଛନ୍ତି । ମୁଣ୍ଡ ଫାଟି ଯାଇଛି । ଆଖିପତାରେ ବହୁତ ଆଘାତ ଲାଗିଛି । ନାକରୁ ରକ୍ତ ବାହାରୁଛି । ଖନେଇ ଖନେଇ କଥା କହୁଛନ୍ତି, “ମୋର ଆଉ ଏ ଭୁଲ ହେବନି । ମତେ ଡାକ୍ତରଙ୍କ ପାଖକୁ ନେଇଚାଲ ।” ସହକର୍ମୀମାନଙ୍କ ସହାୟତାରେ ଆମ୍ବୁଲାନ୍ସରେ ବୃଦ୍ଧଙ୍କୁ ପାଖ ଡାକ୍ତରଖାନାକୁ ନେଇଗଲେ । ସାଇ ପଡ଼ିଶାର ସମସ୍ତେ ଗଦା ହୋଇଗଲେ । ସହାନଭୁତିର ସାନ୍ଦ୍ରତା ବାତାବରଣକୁ ଆହୁରି କାରୁଣ୍ୟ କରିଦେଲା । କେତେଜଣ ସହକର୍ମୀ ଓ ସହ ଧର୍ମିଣୀମାନଙ୍କର ଶାଣିତ ମନ୍ତବ୍ୟ ତୀବ୍ର ଗତିରେ ଆଲୋଚନାର ବିଷୟ ବସ୍ତୁକୁ ବେଶୀ ରହସ୍ୟମୟ କରିପକାଇଲା ।

ଭିଡ଼ ଭିତରେ ପାଖ କଲୋନୀର ମହିଳା ଜଣେ ଉତ୍ସୁକତାରେ ପଚାରି ବସିଲେ, "କ'ଣ ହେଇଥିଲା ଚୌଧୁରୀ ବାବୁଙ୍କ ବାପାଙ୍କର ଯେ ଏମିତି ବାଲକୋନିରୁ ଗଳି ପଡ଼ିଲେ !? ଏତେ ଉଞ୍ଚା ଲୁହାବାଡ଼ ଅଛି । ପୁଣି କେମିତି ତଳେ ପଡ଼ିଗଲେ? ବଡ଼ ତାଜୁବ୍ କଥା ଏଇଟା !!”

ପାଖ ଆପାର୍ଟମେଣ୍ଟର ଜଣେ ଘରଣୀ ମହାଶୟା ନୀରବତା ଭଙ୍ଗକରି ଆଲୋଚନା ପ୍ରସଙ୍ଗରେ କହିଉଠିଲେ, "ଚୌଧୁରୀ ବାବୁ ଏମିତି ମିଛି ମିଛିକା କାନ୍ଦୁଛନ୍ତି । ସବୁ ଦେଖି ନ ଦେଖିବା ପରି ସେ ରୁହନ୍ତି । ଖାଲି କଣ ବଡ଼ ଚାକିରୀ କି ବହୁତ ପାଠ ପଢ଼ିଦେଲେ ମଣିଷ ବଡ଼ ହୁଏ । ପକେଟରେ ପଇସା ସିନା ଅଛି, ହେଲେ ଭାରି ଛୋଟିଆ ମନ ତାଙ୍କର । ପୋଷାକ, ଘରର ଆସବାସ, ଚାଲି ଚଳନ, କଥାବାର୍ତ୍ତା ଯେତେ ଆଧୁନିକ, ପ୍ରକୃତରେ ସେମାନେ ସେମିତି ନୁହଁନ୍ତି । ଆମେ ତାଙ୍କ ପୁରୁଣା ପଡ଼ୋଶୀ ଥିଲୁ । ଜାଣିଛୁ ଚୌଧୁରୀ ବାବୁଙ୍କ ସ୍ତ୍ରୀ କୁକୁର ମାଙ୍କଡ଼ ଭଳି ତାଙ୍କ ଶ୍ୱଶୁରଙ୍କୁ ବ୍ୟବହାର କରନ୍ତି । ବୁଢ଼ା ଶୋଉଥିବା ଘରକୁ ସ୍ୱାମୀ କି ପୁଅ କାହାରିକୁ ଯିବାକୁ ଦିଅନ୍ତିନି । ଶ୍ୱଶୁର ନିଜ ବାସନଠାରୁ ଲୁଗା ସଫାଭଳି ଯାବତୀୟ ନିଜର କାମ ସବୁକୁ ପ୍ରତିଦିନ ଅଶି ବର୍ଷରେ ସେ ନିଜେ କରନ୍ତି । ବୋହୂ ମା'



ତାଙ୍କୁ ଚାହା, ଅନ୍ୟାନ୍ୟ ଖାଇବା ଜିନିଷ ଅତି ଅନାଦରରେ ଟେକିକରି ତାଙ୍କ ଅଲଗା ଥାଳିରେ ଦେଇ ଦିଅନ୍ତି । ସେ ମଉସା ସମ୍ପୂର୍ଣ୍ଣ ସୁସ୍ଥ । ତଥାପି ତାଙ୍କୁ ଏମିତି ବ୍ୟବହାର କରାଯାଇଥାଏ । ଚୌଧୁରୀ ବାବୁ କି ତାଙ୍କର ଏକମାତ୍ର ପୁଅ କେହି କେବେ ତାଙ୍କ ଶୋଇବା ଘରକୁ ପ୍ରବେଶ କରନ୍ତିନାହିଁ । କାଳେ ଇନଫେକ୍ସନ ହେଇଯିବ । କେତେ କ'ଣ ଗତିରୋଧକ ମନ୍ତବ୍ୟ ଦେଇ କାହାରିକୁ ତାଙ୍କ ଶେଯ ପାଖକୁ ଛାଡ଼ନ୍ତିନି । କିନ୍ତୁ, ଜନଗହଳି ପୂର୍ଣ୍ଣ ରାସ୍ତା ଡେଇଁ ମନ୍ଦିରକୁ ପ୍ରତିଦିନ ଯିବାକୁ ବୁଢ଼ାଙ୍କୁ ତାଗିଦ୍ ଥାଏ । ଏମିତି କି କାମବାଲି ସ୍ତ୍ରୀ ଲୋକଟି ଦୟା ପରବଶହୋଇ ବୋହୂମା'ଙ୍କୁ କହେ, "ମାଡ଼ାମ୍ ମୋର କିଛି ହେବନି, ମୁଁ ମଉସାଙ୍କ

ବାସନ ମାଜି ଦେବି । ଲୁଗା ସଫା କରିଦେବି ।" ତାକୁ ବି ସେତେକ କରେଇ ଦିଅନ୍ତିନି । ଏମାନେ କ'ଣ ମଣିଷ !! ବାପା ପୁଅ ମା ତିନିହେଁ ଅମଣିଷ । ଏମାନଙ୍କ ଭିତରେ ମାନବିକତା ହିଁ ନାହିଁ । ବୁଢ଼ା ଲୋକଟିକୁ ପେଟପୂରା ଖାଇବାକୁ ବି ଦିଅନ୍ତିନି । ଗୋଟେ ଅସୁସ୍ଥ ଆବର୍ତ୍ତରେ ଘାଣ୍ଟି ହେଉଥିଲେ ବୁଢ଼ା ବାପାଟି ।"

ଆଲୋଚନାକୁ ଦୀର୍ଘାୟିତ କରି ବାଷ୍ପାକୁଳ କଣ୍ଠରେ କହି ଚାଲିଥାନ୍ତି ସେହି ମହିଳା ଜଣକ, "ସେଥିପାଇଁ ବୋଧେ ସବୁଦିନ ମନ୍ଦିରର ପୂଜାରୀ ନନା, ଚୌଧୁରୀ ବାବୁଙ୍କ ବାପାଙ୍କୁ ଠାକୁରଙ୍କ ପ୍ରସାଦ ଦିଅନ୍ତି ଖାଇବାକୁ । ମୁଁ ପ୍ରାୟ ମନ୍ଦିର ଯାଏ । ଦେଖେ, ସେ ତ ଭଲ ସୁସ୍ଥ ଲୋକଙ୍କ ପରି ବସି କ'ଣ ମନ୍ତ୍ର ବୋଲୁଥାନ୍ତି । ଚୌଧୁରୀ ବାବୁଙ୍କ ମା' ଅବୟସରେ ସ୍ୱାମୀଙ୍କୁ ଏକମାତ୍ର ସନ୍ତାନ ପାଖରେ ଛାଡ଼ି ଆରପାରିକୁ ଚାଲିଯାଇଥିଲେ । ପୁଅ ଗାଡ଼ି କିଣିବ ବୋଲି ମାଆର ଚିକିତ୍ସାରେ ଅବହେଳା କରିଦେଲା । କିନ୍ତୁ ମୁଁ ତ ଆଶ୍ଚର୍ଯ୍ୟ ହଉଛି, ନିଜର ଜନ୍ମିତ ପୁଅଜଣକ କେମିତି ଏତେ ନିଷ୍ଠୁର ହୋଇପାରିଲା ବାପାଟା ପାଇଁ ! ବୋହୂଟା ସିନା ପର ଝିଅ । ନିଜ ରକ୍ତର ନୁହେଁ । ଦେଖିନି ତାଙ୍କର ପିଲାଦିନ କଷ୍ଟ । ଆଉ ନାତିମାନେ ତ ଜେଜେ, ମାଆମାନଙ୍କୁ ଠାକୁର ଭଳି ବହୁତ ଭକ୍ତି କରନ୍ତି, ଯତ୍ନ ନିଅନ୍ତି । ଆନ୍ତରିକ ଭଲ ପାଆନ୍ତି । କେମିତି ସଂସ୍କାର ଶିଖିବେ ଆଉ ପିଲାମାନେ । ସେମାନେବି ସେଇଆ କରିବେ ବଡ଼ ହେଲେ ବାପ ମାଆମାନଙ୍କର । ବୁଢ଼ା ପୁଅକୁ ଛାଡ଼ି ଦଣ୍ଡେ ରହି ପାରନ୍ତିନି । ବୋହୂର କଥାବାର୍ତ୍ତା ସବୁବେଳେ ଅସଂଲଗ୍ନ ଶୁଭେ । ନାନା ଛି ଛାକର, ହତାଦର ସତ୍ତ୍ୱେ, ପୁଅ ପାଖରେ ପଡ଼ିଥାନ୍ତି । ଜୀବନ ତାଙ୍କର ପୁତ୍ରମୟ ଥିଲା ।"




ମହାପାତ୍ର ବାବୁଙ୍କ ସ୍ତ୍ରୀ ଏବେ ଚୌଧୁରୀ ବାବୁଙ୍କ ପରିବାରର ନୂଆ ପଡ଼ୋଶୀ । ସେ ସେଇଠୁ ତାଙ୍କର ସମ୍ଭାଷଣଟି ଆରମ୍ଭ କଲେ, "ଆଜି ସକାଳୁ ଘରେ ଜୋରରେ ପାଟି ତୁଣ୍ଡ ହେଉଥିଲା । ଚୌଧୁରୀ ବାବୁଙ୍କ ସ୍ତ୍ରୀ ଶ୍ୱଶୁରଙ୍କୁ ଟାଣି ଟାଣି ବାଲକୋନି କି ଆଣୁଥିଲେ । ମୁଁ ଚାହିଁଥିଲି । ତାଙ୍କ ଉପରେ ଗାଳିଦେଉଥିଲେ । ମୁଁ କ'ଣ ମିଛ କହିବି ବଡ଼ ଲୋକଙ୍କ ନାଁରେ

। ମୁଁ ଚାହିଁଚି ଚୌଧୁରୀ ମଉସାଙ୍କୁ ରାଗରେ ପେଲିଦେଲେ ବାଲକୋନିରୁ । ଏବେ କୁମ୍ଭୀର କାନ୍ଦଣା କେବଳ ଲୋକ ଦେଖାଣିଆ । ମୁଖା ତଳେ ପ୍ରକୃତ ସ୍ୱରୂପ ଲୁଚିଛି । ଏମିତି ମଣିଷମାନଙ୍କ ପାଇଁ କଡ଼ା ଦଣ୍ଡ ମିଳିବା କଥା । ଯେତେ ଆଗକୁ ଗଲେ କ'ଣ ହେବ । ଯନ୍ତ୍ରାଶୟର ଉନ୍ନତିରେ କ'ଣ ଏ ପରି ବ୍ୟାଧିର ଜଡ଼ କଟାଯାଇ ପାରିବ ! ଚାଲ ଆମେ ସମସ୍ତେ ଥରେ ଚୌଧୁରୀ ବାବୁଙ୍କ ସ୍ତ୍ରୀଙ୍କୁ ବୁଝେଇବା । ଯଦି ଅସୁବିଧା ହଉଛି ତେବେ ବୃଦ୍ଧାଶ୍ରମରେ ଛାଡ଼ିଦିଅ । କିନ୍ତୁ ଏମିତି ବାର୍ଦ୍ଧକ୍ୟକୁ ଆହୁରି ଦୁର୍ବିସହ କରନା ।" ପୁରୁଣା ପଡ଼ିଶା ପୁରୁଣା କଥା ମନେପକାଇ ତାଚ୍ଛଲ୍ୟ କରି ହସି କହିଲେ, "ଦୁଇ ଚାରି ବର୍ଷ ତଳେ ମୁଁ ଏ ପ୍ରସ୍ତାବ ଦେଇଥିଲି । ବୃଦ୍ଧାଶ୍ରମ ଚାରିଲକ୍ଷ ନେବ ବୋଲି କହିଲାରୁ, ପ୍ରସ୍ତାବଟି ମାଡ଼ ଖାଇଗଲା । ଆଉ ବୃଦ୍ଧାଶ୍ରମ ନାଁ ଧରିଲେନି । କହି ବୁଲିଲେ, ଚୌଧୁରୀ ବାବୁ ଏପରି କଲେ, ଲୋକେ ବୋଲିବେ କ'ଣ । ତାଙ୍କ ବାପା ତାଙ୍କ ଜୀବନ ପରା ।"

ଇତିମଧ୍ୟରେ, ଆମ୍ବୁଲାନ୍ସଟା ଫେରି ସୂଚନା ଦେଲା, ସେମାନେ ସ୍ୱର୍ଗରଥରେ ମଉସାଙ୍କୁ ଆଣୁଛନ୍ତି । ଆଖି ଆଗରେ ନାଚିଗଲା ବୃଦ୍ଧଙ୍କର ସେ ଅସହାୟ ମୁହଁ । ଏଇତ ଜୀବନ । ମରଣ ହିଁ ତାଙ୍କ ପାଇଁ ଶ୍ରେୟ ।

- ଅନସୂୟା ପଣ୍ଡା




ଅନସୂୟା ପଣ୍ଡାଙ୍କ

କବିତା ସଂକଳନ

"ଆଶାର ବଳୟ"

ଆମାଜନ୍‌ରେ ଉପଲବ୍ଧ

Buy Now!



ସିଦ୍ଧେଶ୍ୱରଙ୍କ ସାରଳା ମହାଭାରତ

ଦେବବ୍ରତ ଦାସ

ଜନଶ୍ରୁତି, ଲୋକକଥା, କିମ୍ବଦନ୍ତୀ ବା ପ୍ରଥା ପରମ୍ପରା ମଧ୍ୟରେ ଏକ ସମୃଦ୍ଧ ଐତିହ୍ୟ ରହିଯାଇଥିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ ଯଦିଓ ସମୟୋପଯୋଗୀ ପ୍ରମାଣ ଭିତ୍ତିରେ ବିତର୍କିତ ହୋଇ ନଥାଏ । ତଥାପି ଏହି ସବୁ ଉପାଦାନକୁ ଯୁକ୍ତି ସଙ୍ଗତ ସଂଯୋଗ କରାଯାଇପାରିଲେ କେତେକ ଅସମାହିତ ପ୍ରଶ୍ନ ତା'ର ଉତ୍ତର ରଖିପାରନ୍ତା । ଏକଦା ଚନ୍ଦ୍ରଭାଗା ଓ ବୃଦ୍ଧା ମାତଙ୍ଗୀ ନଦୀମାନଙ୍କ କୋଳରେ ଗଢ଼ିଉଠିଥିଲା ଜନପଦ ଝଙ୍କଡ଼ । ଝଙ୍କଡ଼େଶ୍ୱର, ଝଙ୍କଡ଼େଶ୍ୱରୀ (ଶ୍ରୀ ଚଣ୍ଡୀ ସାରଳା) ଓ ମହାକବି ସାରଳା ଦାସ ଓ ତତ୍କାଳୀନ ଧର୍ମୀୟ ବିବର୍ତ୍ତନ ସୃଷ୍ଟି ହେଲା । ସ୍ପଷ୍ଟ ନ ହେଲେ ମଧ୍ୟ ଖଣ୍ଡବିଖଣ୍ଡିତ ପ୍ରବାଦ ଆକାରରେ ଏବେ ମଧ୍ୟ ଲୋକ ମୁଖରେ ପ୍ରଚଳିତ ।

ଓଡ଼ିଶା ଇତିହାସ ପୃଷ୍ଠାରେ ପଞ୍ଚଦଶ ଶତାବ୍ଦୀ ସ୍ମରଣ ନିମନ୍ତେ ଏକ ସ୍ୱତନ୍ତ୍ର ଦାବି ରଖିଆସିଛି । ସମ୍ରାଟ କପିଳେନ୍ଦ୍ରଦେବଙ୍କ ଯୁଦ୍ଧ ତରବାରୀର ଝଙ୍କାରରେ ଓଡ଼ିଶାର ବିସ୍ତାରିତ ଭୂଗୋଳ ଗଙ୍ଗଠାରୁ ଗୋଦାବରୀ ପର୍ଯ୍ୟନ୍ତ ଯେମିତି ପ୍ରତିଧ୍ୱନିତ ହୋଇ ଉଠୁଥିଲା, ଝଙ୍କଡ଼ ପ୍ରଗଣାର ଅଖ୍ୟାତ ପଲ୍ଲୀ ସାରୋଳ ଗ୍ରାମରେ ଓଡ଼ିଆ ଜାତି, ଜାତୀୟତା, ଭାଷା ସାହିତ୍ୟ ସଂସ୍କୃତିଆଦି ଜନ୍ମଜାତକର କାୟା ସେତିକି ପୃଥୁଳ ଆକାର ଧାରଣ କରୁଥିଲା ଧର୍ମୀୟ ସ୍ରୋତର ବହୁ ବିଭାଜନ ଧାରା ଯଥା - ଶୈବ, ବୌଦ୍ଧ, ଶାକ୍ତ, ବୈଷ୍ଣବ ଆଦି ସମୃଦ୍ଧ ସାମାଜିକ ଉଦାରବାଦ ଅଙ୍କୁଶ ସ୍ୱରୂପ ଥିଲା । ଏମିତି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଝଙ୍କଡ଼ ପ୍ରଗଣାର ଅଖ୍ୟାତ ପଲ୍ଲୀ ସାରୋଳ ଗ୍ରାମରେ କୃଷି କ୍ଷେତ୍ରରୁ ଶୁଭୁଥିଲା ନବ ଜାଗୃତିର ପ୍ରଥମ ତୂର୍ଯ୍ୟନାଦ । କୃଷକ ସିଦ୍ଧେଶ୍ୱର ନିଜକୁ ଶୁଦ୍ର ଓ ଶାକ୍ତ ଘୋଷଣା କରି ଓଡ଼ିଆ ଭାଷା କାବ୍ୟ, ମହାକାବ୍ୟମାନ ରଚନା କରିଥିଲେ । ଚନ୍ଦ୍ରଭାଗା ନଦୀ ତଟସ୍ଥ ସାରୋଳ ଗ୍ରାମରେ

ଅବସ୍ଥିତ ଚଣ୍ଡୀଙ୍କ ମନ୍ଦିର ଦୀପ ଆଲୁଅରେ ତାମ୍ରପତ୍ର ଖୋଦା ଓ ଲୌହ ଲେଖନୀରୁ ଜନ୍ମ ନେଲା ଓଡ଼ିଆ ମହାଭାରତ ମହାକାବ୍ୟ ସହିତ ଆହୁରି ଅନେକ ଆବିଷ୍କୃତ ଅନାବିଷ୍କୃତ କାବ୍ୟମାନ । ଓଡ଼ିଆ ଜାତି ପ୍ରାଣରେ ଅଭ୍ୟୁଦେୟର ଅଙ୍କୁରୋଦଗମ ଘଟିଥିଲା ।

ଝଙ୍କଡ଼ ପ୍ରଗଣା ଗଜପତି ପ୍ରତ୍ୟକ୍ଷ ଶାସନାଧୀନ ଥିଲା । ସାରଳାଦାସ ଓଡ଼ିଆ ମହାଭାରତ ମହାକାବ୍ୟ ରଚନା ସମାପ୍ତ କରି ଏହାର ପଠନ ପ୍ରଚାର କରିବା ପୂର୍ବରୁ ରାଜାଙ୍କ ସ୍ୱୀକୃତି ପ୍ରାପ୍ତି ନିମନ୍ତେ କପିଳେନ୍ଦ୍ରଦେବଙ୍କ ରାଜ ଦରବାରରେ ଅନୁଗ୍ରହ ଭିକ୍ଷା କରିଛନ୍ତି । ପ୍ରାକୃତ ଭାଷାରେ ଜଣେ ନିମ୍ନ କୁଳିନ ଶୁଦ୍ର ମହାଭାରତ ରଚନା କରିଥିବା ହେତୁ ଦେବଙ୍କ ବ୍ରାହ୍ମଣ ସଂସ୍କୃତ ପଣ୍ଡିତମାନଙ୍କର ଭ୍ରୂକୁଞ୍ଚନ ସୃଷ୍ଟି ହୋଇଛି । ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ର ବୈଷ୍ଣବ ଧର୍ମର ଆଦି ମୁଖ୍ୟ ଭୂସ୍ୱର୍ଗ ସାରଳା ଦାସ ଯେ ଜଣେ ଶାକ୍ତ, ବୈଷ୍ଣବ ଧର୍ମାବଲମ୍ବୀ ରକ୍ଷଣାଶୀଳ ମହନ୍ତ ମହାରାଜା, ରାଜପୁରୋହିତ, ସଭା ପଣ୍ଡିତ, ରାଜଗୁରୁମାନଙ୍କ ରୋଷ ଭର୍ତ୍ସନାର ଶିକାର ହୋଇଛି । ସବିନମ୍ର ଅନୁରୋଧରେ ଗଜପତିଙ୍କ ଅନୁଗ୍ରହ ମିଳିଲା, ରାଜ ଦରବାରରେ ଓଡ଼ିଆ ମହାଭାରତ ପଠନ ତର୍ଜମା ନିମନ୍ତେ ଅନୁମତି ପ୍ରାପ୍ତ ହେଲେ ସାରଳା ଦାସ । ଜଟା ଶ୍ମଶ୍ରୁଧାରୀ ଗେରୁ ବସ୍ତ୍ର ପରିହିତ ଅଗ୍ନିରଙ୍ଗା ସୁଦୀର୍ଘ ସୁଠାମଅବୟବ ସାରଳା ଦାସ କୁଶ ଆସନ ମଣ୍ଡନ କଲେ । ଛନ୍ଦ, ରସ, ରଙ୍ଗ, ଲୟ, ତାନ, ତାଳ ତୋଳି ଉଚ୍ଚାଙ୍ଗ କଣ୍ଠରେ ଗାଇ ଚାଲିଲେ ସାରଳା ଦାସ ଓଡ଼ିଆ ମହାଭାରତ । ଝଙ୍କୃତ ଗଜପତିଙ୍କ ଦରବାରରେ ଝଙ୍କଡ଼େଶ୍ୱରୀଙ୍କ ବୀଣା ଝଙ୍କାରରେ, ସ୍ତମ୍ଭିଭୂତ ହେଲେ ଶ୍ରୋତା ମଣ୍ଡଳୀ । ମନ୍ତ୍ରମୁଗ୍ଧ ହେଲେ ରାଜା, ଅମାତ୍ୟ, ରାଜପଣ୍ଡିତ ରାଜପୁରୋହିତ, ରାଜଗୁରୁ ଓ ରାଜକନ୍ୟା ମଣ୍ଡଳୀ । ଓଡ଼ିଆ ମହାଭାରତ ମହାକାବ୍ୟର ଭୂୟସୀ ପ୍ରଶଂସା କରାଗଲା । ବିଚରା ଚାଲିଲା ନିମ୍ନ କୁଳଜ ଉଚ୍ଚ କୁଳଜ ହୋଇପାରିବେନି । ଶୁଦ୍ର ଓ ବ୍ରାହ୍ମଣ କି କ୍ଷତ୍ରିୟ ହୋଇପାରିବେନି । ଏକମାତ୍ର ଉପାୟ ଶ୍ରୀକ୍ଷେତ୍ରରେ ଶ୍ରୀ ବିଷ୍ଣୁଙ୍କୁ ସମ୍ମୁଖରେ ବୈଷ୍ଣବଧର୍ମାବଲମ୍ବୀ ହେଲେ କୁଳ, ଗୋତ୍ର, ଜାତି ବଂଶର ପରିଚୟ ଅନାବଶ୍ୟକ । ସାରଳା ଦାସ ସେହିପରି ସଂକୀର୍ଣ୍ଣ ସର୍ତ୍ତରେ ସମ୍ମତି ପ୍ରଦାନ କଲେ । ଗଳାରେ ତୁଳସୀ ମାଳ ପରିଧାନ କରି ମଥାରେ ଚନ୍ଦନ ତିଳକ ଲଗାଇଲେ, ଗଜପତିଙ୍କ ଦରବାରରେ ଶିର ପହରଣ ହେଲା ପାଟବସ୍ତ୍ରରେ ବୈଷ୍ଣବ ଧର୍ମରେ ଦୀକ୍ଷିତ ହେଲେ ସାରଳା ଦାସ । ଶୁଦ୍ରମୁନି ସାରଳା ଦାସଙ୍କ ରଚିତ ଓଡ଼ିଆ ମହାଭାରତ ସ୍ୱୀକୃତି ଲାଭକଲା ଗଜପତିଙ୍କ ରାଜ ଦରବାରରେ ରାଜପଣ୍ଡିତଙ୍କମାନଙ୍କଦ୍ୱାରା ।

ଗଜପତିଙ୍କ ରାଜଦରବାରରେ ଝଙ୍କଡ଼ ସମେତ କେତୋଟି ପ୍ରଗଣାର ମାଲିକାନା ସହିତ ରାଧା ଓ କୃଷ୍ଣ ଯୁଗଳ ମୂର୍ତ୍ତି ସ୍ୱରୂପ ପ୍ରାପ୍ତ ହେଲେ ସାରଳା ଦାସ ।ଶ୍ରୀ ଜଗନ୍ନାଥଙ୍କ କରପଲ୍ଲବ ତୁଳସୀ କଣ୍ଠି ମହାପ୍ରସାଦ ସହିତ ପହଞ୍ଚିଲେ ଝଙ୍କଡ଼ରେ । ସେଦିନ ଥିଲା କାର୍ତ୍ତିକ ପୂର୍ଣ୍ଣିମା, ଚଣ୍ଡୀ ଶାରଳାଙ୍କୁ ତୁଳସୀ

କଣ୍ଠି ଲାଗି କରାଇ ଓ ମହାପ୍ରସାଦ ସମର୍ପଣ ହେଲେ । ରାଧାକୃଷ୍ଣ ଯୁଗଳ ବିଗ୍ରହ ଗୋପୀନାଥ ନାମ ଧାରଣ କଲେ । ସାରୋଳ ଗ୍ରାମରେ ଅନୁଗାମୀ ବୈଷ୍ଣବମାନଙ୍କର ମହୋତ୍ସବ ଚାଲିଲା ।

ସାରଳା ଦାସଙ୍କର ଏତାଦୃଶ ପରିବର୍ତ୍ତନ ଆଚରଣ ରକ୍ଷଣଶୀଳ ଶାକ୍ତମାନଙ୍କର ହୃଦୟ ବିଦାରଣ କଲେ । ବୈଷ୍ଣବ ଧର୍ମ ଗ୍ରହଣ କରିଥିବା ହେତୁ ସାମାଜିକ ବ୍ୟବସ୍ଥା ଲାଗୁ ହେଲା ଆତ୍ମୀୟ ସ୍ୱଜନମାନଙ୍କୁ ସମେତ ଶାରଳା ଠାକୁରାଣୀଙ୍କ ପୂଜକ ସେବକମାନଙ୍କ ଦ୍ୱାରା ତୀବ୍ର ବିରୋଧର ସମ୍ମୁଖୀନ ହେଲେ । ଇଷ୍ଟଦେବୀ ଶାରଳା ଠାକୁରାଣୀଙ୍କୁ ଦର୍ଶନ କରିବା ଉପରେ କଟକଣା ଜରିହେଲା ମହାକବି ସାରଳା ଦାସଙ୍କୁ । ମାନବ ଇତିହାସରେ ଯାହା ଘଟି ଆସିଛି ଯୁଗପ୍ରବର୍ତ୍ତକ ମହାମନୀଷୀମାନଙ୍କୁ ଜୀବଦଶା ଭିତରେ । ଝଙ୍କଡ଼ ଇତିହାସର ଏହା ଏକ ସମ୍ବେଦନଶୀଳ ସମୟ । ଚନ୍ଦ୍ରଭାଗା ନଦୀ ତଟ ପୈତୃକ ଗ୍ରାମ ଛାଡ଼ି ବୃଦ୍ଧା ମାତାଙ୍କନଦୀ ତଟ (ତେନ୍ତୁଳିପଦା ଗ୍ରାମ)ରେ ଅନୁଗାମୀମାନଙ୍କ ଦ୍ୱାରା ଏକ ଆଶ୍ରମ ପ୍ରତିଷ୍ଠା ହେଲା । ଯେଉଁଠାକୁ ବାହୁଡ଼ି ଆସିଲେ ଜୀବନ ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ଯାହା ଅଦ୍ୟାବଧି ମୁନି ଗୋସାଇଁ ଆଶ୍ରମ ନାମରେ ପରିଚିତ । ଗୋପୀନାଥଜୀଉ ରାଧାକୃଷ୍ଣ ଏହି ଆଶ୍ରମର ଇଷ୍ଟଦେବୀ ଭାବେ ପ୍ରତିଷ୍ଠା ହେଲେ ।ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଭୃତ ଭୂସମ୍ପତ୍ତି ତେନ୍ତୁଳିପଦା ଗ୍ରାମରେ ସ୍ଥାପନ ହେଲେ । ଇଷ୍ଟଦେବୀ ଶାରଳା ଠାକୁରାଣୀଙ୍କ ଦର୍ଶନରୁ ବଞ୍ଚିତଜନିତ ବିଷାଦରୁ ମୁକ୍ତି ନିମନ୍ତେ ଆଦି ବିଗ୍ରହଙ୍କ ସାମଞ୍ଜସ୍ୟ ଥାଇ ଅଷ୍ଟଭୂଜା ମହିଷାମର୍ଦ୍ଦିନୀ ବିଗ୍ରହ ମୁନିଗୋସାଇଁଙ୍କ ଆଶ୍ରମରେ ସ୍ଥାପିତ ହେଲେ । ପରବର୍ତ୍ତୀ ପର୍ଯ୍ୟାୟରେ ମୁନିଗୋସାଇଁଙ୍କ ଆଶ୍ରମକୁ ଦୃଷ୍ଟିରେ ରଖି ପଶ୍ଚିମାଭିମୁଖୀ ହୋଇ ବିଲ୍ୱଶାରଳା ନାମରେ ସ୍ଥାପିତ ହେଲେ । ମହାକବିଙ୍କ ମହାପ୍ରୟାଣ ପରେ ବୈଷ୍ଣବ ରୀତିନୀତିରେ ସମାଧି ଦିଆଗଲା ଆଶ୍ରମ ପରିସରରେ । ତେନ୍ତୁଳିପଦାସ୍ଥ ମୁନି ଗୋସାଇଁଙ୍କ ଆଶ୍ରମ କବିଙ୍କ ସମାଧିପୀଠ ନାମରେ ପରିଚିତ ହୋଇଆସୁଛି ।

ସାରଳା ଦାସଙ୍କ ଶ୍ରୀକ୍ଷେତ୍ର ପ୍ରତ୍ୟାବର୍ତ୍ତନ ସ୍ମାରକୀ ସ୍ୱରୂପ ଅଦ୍ୟାବିଧି କାର୍ତ୍ତିକମାସ ଶୁକ୍ଳ ଦ୍ୱାଦଶୀ ତିଥୀ ସନ୍ଧ୍ୟାରେ ଗୋପୀନାଥଜୀଉ ବିଜେ କରନ୍ତି ଶାରଳା ଠାକୁରାଣୀ ମନ୍ଦିରକୁ । ଦେବୀଙ୍କ ପ୍ରତିନିଧି ସ୍ୱରୂପ ପରିଛା ମହାଶୟ ଚାମର ପକାଇ ଘଣ୍ଟା, ଘଣ୍ଟ, କାହାଳୀ, ଆଲଟ ସହିତ ପାଛୋଟି ନିଅନ୍ତି ମନ୍ଦିର ବେଢ଼ା ଭିତରକୁ । ଶାରଳା ମନ୍ଦିର ବେଢ଼ାରେ ସାତଦିନ ଗୋପୀନାଥଜୀଉ ଅବସ୍ଥାନ କରନ୍ତି । ସାତଦିନ ଗୋପୀନାଥଙ୍କ ରହଣି ମଧ୍ୟରେ ବୈଷ୍ଣବ ମହନ୍ତମାନଙ୍କ ଗ୍ରହଣରେ ଉତ୍ସବ ମୁଖରିତ ହୋଇଉଠେ ଶାରଳା ମନ୍ଦିର ପରିସରରେ ।

- ଦେବବ୍ରତ ଦାସ

quotes

Read Now

Now it's easy to read
The Quotes by Shubhapallaba

quotes.shubhapallaba.in

ମିଠା ଶିହରଣ

ମେଘ ଝରିଆସେ ବଉଦ ଫାଙ୍କରୁ
ରିମିଝିମି ଗୀତ ଗାଇ
ତମେ ଭିଜୁଥାଅ ଭାବନା ଭିତରେ
ମିଠା ଶିହରଣ ପାଇ ।

ସତ ପରି ଲାଗେ ହୃଦୟର ଛବି
ତମେଅଛ ବୋଲି ପାଶେ,
ରାତିର ସପନ କରି ଝିଲିମିଲି
ପଲକରେ ମୁହଁ ଦିଶେ ।

ମନ ଉଡ଼ିଯାଏ ଶୀତଳ ପବନେ
ବାହୁ ବନ୍ଧନକୁ ଖୋଲି,
ଅସୁମାରୀ ଆଶା ମନତଳେ ରହି
କ୍ଷଣିକରେ ଯାଏ ଭୁଲି ।



ସରୋଜ କୁମାର ସାହୁ



ଅତଳ ସାଗର

ସୁଷମା ପରିଜା

ସେଦିନ ବଜାର ଭିତରେ "ନ୍ୟୁ ମାରିଅନ୍" ହୋଟେଲରୁ ବାହାରିଲା ବେଳକୁ ରାସ୍ତା ଆରପଟେ ଠିଆ ହୋଇଥିବା ଲୋକଟିକୁ ଦେଖି ଅଟକିଗଲା ସୌମିତ୍ର, ଚେହେରାଟି ଖୁବ୍ ଚିହ୍ନା ଚିହ୍ନା ମନେହେଉଥିଲେ ମଧ୍ୟ ଆଉ ଟିକିଏ ଭଲ କରି ଦେଖିବାକୁ ଚେଷ୍ଟା କରି ରାସ୍ତା ପାର୍ ହୋଇ ଆଗେଇଗଲା ଲୋକଟି ପାଖକୁ । ହଠାତ୍ ବୁଲି ପଡ଼ି ଚାହିଁଲା ଲୋକଟି ଏବଂ "ଆରେ ସୋମୁ!, ବହୁତ ଦିନ ପରେ ..."କହି ଯେତେବେଳେ ତା'କୁ କୁଣ୍ଢେଇ ପକାଇଲା ଲୋକଟି, ସେତେବେଳକୁ ଯାଇ ମନେ ପଡ଼ିଲା ସୌମିତ୍ରର ଯେ ସିଏ ଦେବେଶ୍ ନନ୍ଦ, ତା'ର କଲେଜ୍ ସାଙ୍ଗ । ଆନନ୍ଦାତିଶଯ୍ୟରେ ତା'କୁ ଛାତିରେ ଭିଡ଼ି ଧରି କହି ଉଠିଲା "ଆରେ ଭାଇ ! ଏତେ ଦିନ ପରେ ତତେ ଦେଖି ହଠାତ୍ ଚିହ୍ନି ପାରିଲିନି । ଆଉ ତୋ'ର ସେ ଘଞ୍ଚ କଳା ଛୁଟି ସବୁ କିଏ ନେଇ ଗଲା କିରେ !? "ଦୁଇ ବନ୍ଧୁ ହୋ ହୋ ହୋଇ ହସି ଉଠିଲେ । ସତେ ଯେମିତି ତିରିଶି ବର୍ଷ ତଳକୁ ଫେରି ଯାଉଥିଲେ ସେମାନେ । ଏଇଠି ରାସ୍ତା ଉପରେ ଠିଆ ହୋଇ ଗପିବା ନା' କ'ଣ? "ଆ' ଏଇ ପାଖ ହୋଟେଲରେ ବସିବା, ଦୁଇ ପଦ ଦୁଃଖ ସୁଖ ହେବା" କହିଲା ସୌମିତ୍ର । "ଆରେ ନା' ନା' ଚାଲ୍ ବରଂ ଚାଲି ଚାଲି ଟିକିଏ ଯିବା । ଏଇ ଆଗରେ ତ ପାର୍କ୍ ସେଇଠି ବସି ପୁରୁଣା ଦିନକୁ ଟିକେ ମନେ ପକେଇବା ।" ଦୁଇ ବନ୍ଧୁ ଚାଲି ଚାଲି ଆଗେଇ ଗଲେ ପାର୍କ୍ ଆଡ଼କୁ । ପାର୍କର ସବୁଜ ନରମ ଘାସ ଉପରେ ଚାଲୁ ଚାଲୁ ସୌମିତ୍ରଙ୍କର ମନେ ପଡ଼ି ଯାଉଥିଲା ପୁରୁଣା ଦିନ ସବୁ ....

ତିରିଶି ବର୍ଷ ତଳେ, ରେଭେନ୍ସା କଲେଜରେ ଗ୍ରାଜୁଏସନ୍ କରିବା ବେଳେ ନ୍ୟୁ ହଷ୍ଟେଲରେ ତା'ର ରୁମମେଟ୍ ଥିଲା ଦେବେଶ୍ । ତିନି ବର୍ଷ କାଳ ଏକାଠି ରହିବା ଭିତରେ ଖୁବ୍ ଅନ୍ତରଙ୍ଗ ହୋଇ ଯାଇଥିଲେ ଦୁହେଁ । ଦୁହିଁଙ୍କର ନିମ୍ନ ମଧ୍ୟବିତ୍ତ ପରିବାରର ଆର୍ଥିକ ପରିସ୍ଥିତି ଆଉ ଭଲ ପାଠ ପଢ଼ି ନିଜେ ନିଜକୁ ଗଢ଼ିବାର ଉଚ୍ଚାଭିଳାଷ ବୋଧହୁଏ ଆହୁରି ଘନିଷ୍ଠ କରିଥିଲା ସେମାନଙ୍କୁ । ଖୁବ୍ ମନ ଲଗାଇ ପାଠ ପଢ଼ି ଅନର୍ସ ଡିଷ୍ଟିଙ୍କସନରେ ପାଶ୍ କରିଥିଲେ ଦୁହେଁ । ତା'ପରେ ନିଜ ନିଜର ଗାଆଁକୁ ଫେରି ଯାଇଥିଲେ ନିଜର ଭାଗ୍ୟ ଅନ୍ୱେଷଣରେ । ନିଜକୁ ଗଢୁ ଗଢୁ ଏମିତି ତଲ୍ଲୀନ ହୋଇ ଯାଇଥିଲେ ଯେ ଯା' ଭିତରେ ତିରିଶି ବର୍ଷ ବିତି ଯାଇଥିଲେ ମଧ୍ୟ ଦୁଇ ଅନ୍ତରଙ୍ଗ ବନ୍ଧୁ ପରସ୍ପରକୁ ଥରୁଟିଏ ହେଲେ ଭେଟିବାକୁ ଚେଷ୍ଟା ମଧ୍ୟ କରି ନାହାଁନ୍ତି କେବେ । ଆଜି ଦୁଇ ଜଣ ଯାକ ଉତ୍ତର ପଚାଶ ବର୍ଷରେ, ନିଜ ନିଜ ସଂସାରରେ ବ୍ୟସ୍ତ । ଆଜି ଅଚାନକ ଭାବରେ ଭେଟିଛନ୍ତି ପରସ୍ପରକୁ । ପାର୍କର ବେଞ୍ଚ ଉପରେ ବସୁ ବସୁ ସୌମିତ୍ର ଚାହିଁଲା ଦେବେଶକୁ । ଦେବେଶର ସାଧାରଣ ପୋଷାକପତ୍ର ସୂଚାଇ ଦେଉଥିଲା ଯେ ସେ ଖୁବ୍ ସାଧାରଣ ଜୀବନଯାପନ କରୁଛି । ନିଜକୁ ତା' ସହିତ ତୁଳନା କଲେ କାହିଁ କେତେ ଉପରେ ସେ । ଗୋଟିଏ ପ୍ରତିଷ୍ଠିତ କମ୍ପାନୀର ସିଇଓ ଭାବେ ମୁମ୍ବାଇରୁ ଏଇ କିଛି ଦିନ ତଳେ ସେ ବଦଳି ହୋଇ ଆସିଛି ଓଡ଼ିଶାର ରାଜଧାନୀ ଭୁବନେଶ୍ୱରକୁ । ଜଣେ କର୍ପୋରେଟ୍ ପର୍ସୋନେଲ୍ ଭାବରେ ତା'ର ସ୍ଥାନ ଖୁବ୍ ଉଚ୍ଚରେ । ଦେହରେ ଦାମୀ କୋଟ୍ ସୁଟ୍ ଟାଇ, ଆଖିରେ ଗୋଲଡ଼େନ୍ ଫ୍ରେମ୍ର ଚଷମା, ପାଦରେ ଦାମୀ ବୁଟ୍ ପିନ୍ଧି ସେ ଦିଶୁଛି କୌଣସି ସଂଭ୍ରାନ୍ତବଂଶୀୟ ଅଥବା ଜଣେ ବ୍ୟୁରୋକ୍ରାଟ୍ ଭଳି । ପାର୍କରେ ଆଖପାଖରେ ଥିବା ଲୋକମାନଙ୍କୁ ତାଙ୍କ ଆଡ଼କୁ ଚାହିଁବାର ଦେଖି ସୌମିତ୍ର, ତା'କୁ ଟିକିଏ ଅପ୍ରସ୍ତୁତ ଲାଗିଲା । ଭାବିଲା ପଥଚାରୀମାନେ ବୋଧହୁଏ ଦୁହିଁଙ୍କୁ ତୁଳନା କରୁଛନ୍ତି । ଦେବେଶ୍ କିନ୍ତୁ ଥିଲା ନିର୍ବିକାର । ପୁରୁଣା ଦିନ ଭଳି ହସ ଲାଖି ରହିଥିଲା ତା' ମୁହଁରେ ।ଦେବେଶ ଗପି ଯାଉଥିଲା....

---"ଆଉ .. ତୁ ଏବେ କ'ଣ କରୁଛୁ କହ? ତୋ' ପିଲାମାନେ କ'ଣ କରୁଛନ୍ତି? ଏତେଦିନ କେଉଁଠି ଥିଲୁ?? ଓଡ଼ିଶା ବାହାରେ ବୋଧହୁଏ ! ନହେଲେ ନିଶ୍ଚୟ କେବେ କେଉଁଠି ନା କେଉଁଠି ଦେଖା ହୋଇ ଯାଇଥାନ୍ତା ଆମର । ତୁ ଆଗ ଅପେକ୍ଷା ଖୁବ୍ ସ୍ମାର୍ଟ୍ ଦିଶୁଛୁରେ !! ବହୁତ ଭଲ ଲାଗିଲା ତୋ'ତେ ଦେଖି । ବେଳେବେଳେ ବହୁତ ମନେ ପଡ଼େ ତୋ'କଥା, ହେଲେ ଠିକଣା ନଥିବାରୁ ମନମାରି ଚୁପ୍ ହୋଇ ରୁହେ" ଇତ୍ୟାଦି ଇତ୍ୟାଦି .. । ନିଜ

ଅଜାଣତରେ ନିଜ ସମ୍ମାନର ସଙ୍କୋଚ ଟିଏ ଆବୋରି ବସୁଥିଲା ସୌମିତ୍ରକୁ । ମୋଟେ ସହଜ ହୋଇ ପାରୁନଥିଲା ଦେବେଶ୍ ସହିତ । ତା'ର ହାତରେ ଯେ ବେଶୀ ସମୟ ନାହିଁ, ଏଇ କଥା ଜଣାଇଦେବାକୁ ସେ ହାତ ଘଣ୍ଟାକୁ ଚାହିଁ କହିଲା ...

---- "ମୁଁ ପାଠ ପଢ଼ା ପରେ ମୁମ୍ବାଇ ଚାଲି ଯାଇଥିଲି ମୋ'ର ଜଣେ ଦୂର ସଂପର୍କୀୟ ମାମୁଁଙ୍କ ପାଖକୁ । ସେଇଠି ଏମ୍ ବି ଏ କରି ଗୋଟିଏ କମ୍ପାନୀରେ ଚାକିରୀ କରୁଥିଲି । ସେଇଠି ବାହା ସାହା ହୋଇ ଘର ସଂସାର କଲି, ଦୁଇଟି ପୁଅ ମୋ'ର ସେମାନେ ଇଞ୍ଜିନିୟରିଂ କରି ଏବେ ବିଦେଶରେ କାର୍ଯ୍ୟରତ । ବର୍ଷଟିଏ ହେବ ମୁଁ ଆସିଛି ଆମ କମ୍ପାନୀର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ କାର୍ଯ୍ୟାନିର୍ବାହୀ ହୋଇ । ଏଇଠି ଫ୍ଲାଟ୍ ଟିଏ କିଣିଛି, ମୁଁ ଏବଂ ମୋ ମିସେସ୍ ଦୁଇଜଣ ରହୁଛୁ ସେଇଠି । ଆଉ ତୋ' ଖବର କ'ଣ କହ? କ'ଣ କରୁଛୁ? ପିଲାମାନେ କ'ଣ କରୁଛନ୍ତି?? ରହୁଛୁ କେଉଁଠି?"

ନିଜର ସ୍ୱଭାବସୁଲଭ ଢଙ୍ଗରେ ଅଳ୍ପ ହସି ଉତ୍ତର ଦେଲା ଦେବେଶ୍ ....

---"ନାହିଁରେ ମୁଁ ତୋ' ଭଳିଆ କୌଣସି ଚାକିରୀ କରି ପାରିଲିନି । ଗ୍ରାଜୁଏସନ୍ ପରେ, ସୋସିଓଲୋଜିରେ ଏମ ଏ ପାଶ୍ କଲି । ତୁ' ତ ଜାଣିଛୁ ଆମ ପରିବାର କଥା, ମୋ' ଉପରେ ସାନ ଭାଇର ପଢ଼ାପଢ଼ି, ମା' ଏବଂ ସାନ ଦୁଇ ଭଉଣୀମାନଙ୍କ ଦାୟିତ୍ୱ, ଏଇ ସବୁ ଛାଡ଼ି ଦେଇ ବାପା ବହୁତ ଆଗରୁ ଆଖି ବୁଜିଥିଲେ । ପାଠ ସରିବା ପରେ ଛୋଟ ମୋଟ ବିଜିନେସ୍ ଆରମ୍ଭ କରିଥିଲି । ସବୁ କାମ ଧୀରେ ଧୀରେ ସାରିଲି, ନିଜ ସଂସାର କଲି । ଏବେ ଦୁଇ ଝିଅ ବାହାସାହା ହୋଇ ଓଡ଼ିଶା ବାହାରେ ନିଜ ନିଜର ସଂସାର ନେଇ ବ୍ୟସ୍ତ । ପୁଅଟି ଦିଲ୍ଲୀ ଆଇ ଆଇ ଟି'ରେ ପ୍ରଫେସର୍ ଅଛି । ଏଠି ଆମେ ଦୁଇ ପ୍ରାଣୀ ଅଛୁ ଏଇ ସହରରୁ ଟିକିଏ ଦୂର ପୁରୁଣା ଭୁବନେଶ୍ୱରର କପିଳପ୍ରସାଦରେ । ତୁ' ତ ଏବେ ଏଇ ସହରରେ ରହୁଛୁ, କେବେ ସମୟ ବାହାର କରି ଆସିବୁ ତୋ' ପତ୍ନୀଙ୍କୁ ସାଙ୍ଗରେ ଧରି, ବହୁତ ଭଲ ଲାଗିବ ଦୀପାଳୀ, ମାନେ ମୋ ପତ୍ନୀକୁ । ମୁଁ ସବୁବେଳେ ତା'କୁ ତୋ' କଥା କହେ । ବାହାଘର ପରେ କେବେ ଦେଖିନାହିଁ ବୋଲି ସେ ମନ ଦୁଃଖ କରେ ।"

---"ହଁ, ହଁ, ନିଶ୍ଚୟ ଆସିବି, ତୋ'ର ଫୋନ୍ ନମ୍ବରଟି ଦେଇଥା' ଆଉ ମୋର ଏଇ କାର୍ଡ଼ ଟି ରଖିଥା' । ମଝିରେ ମଝିରେ କଥା ହେବା । ଆଜି ଟିକିଏ ଅଲଗା କାମ ଅଛି । ଏବେ ଉଠିବା ।"

ଏତେ କହି ଉଠିଲେ ଦୁଇ ବନ୍ଧୁ । ଚାଲି ଚାଲି ରାସ୍ତା ଉପରେ ପହଞ୍ଚିଲା ପରେ ସୌମିତ୍ର ନିଜର ଦାମୀ ଅଡ଼ି କାରର ଚାବି ଖୋଲୁ ଖୋଲୁ କହିଲା ....

--- "ଦେବୁ ! କେମିତି ଯିବୁରେ? ସଞ୍ଜ ହୋଇ ଆସିଲାଣି, ଆ' ମୋ କାର୍‌ରେ ବସ୍ । ଚାଲ୍ ତୋ ଘର ପାଖରେ ଛାଡ଼ିଦେବି ।"

ଦେବେଶ୍ ଆଶ୍ୱାସନା ଦେଲା "ନାହିଁ ରେ, ମୋ' ପାଇଁ ବ୍ୟସ୍ତ ହ' ନା' । ମୁଁ ନିଜ ଗାଡ଼ି ନେଇ ଆସିଛି" । ହାତ ହଲାଇ ବିଦାୟ ଜଣାଇ ଦେବେଶ୍‌ରାସ୍ତା ଆରପଟେ ରଖା ହୋଇଥିବା ତା'ର ଛୋଟ ମାରୁତି ଜେନ୍ କାର୍ ଆଡ଼କୁ ନିର୍ଦ୍ଦେଶ କଲା । ଗୋଟାଏ ଦୀର୍ଘ ନିଶ୍ୱାସ ବାହାରି ଆସିଲା ସୌମିତ୍ର ମୁହଁ ରୁ । କାର୍ ଭିତରେ ପଶି ନିଜର ଦାମୀ ସିଗାରେଟ୍ କେଶ୍‌ରୁ ସିଗାରେଟ୍ ଟିଏ ବାହାର କରି ମୁହଁରେ ଲଗାଇ ଷ୍ଟିଅରିଂ ଘୁରାଇଲା । ଘରକୁ ଫେରିବା ବେଳକୁ ବାଟସାରା ଦେବେଶ୍‌ର କଥା ହିଁ ଭାବୁଥିଲା ସେ । "ବିଚରା, କେତେ ପାଠ ଶାଠ ପଢ଼ିଲା, କେତେ ଭଲ ନମ୍ବର ରଖି ପାଶ୍ କଲା, ହେଲେ ଭଲ ଚାକିରୀଟିଏ କରିପାରିଲାନି ଘରର ପରିସ୍ଥିତି ଦୃଷ୍ଟିରୁ । ଜୀବନର ସୁଖ ଟିକିଏ ଭୋଗି ପାରିଲାନି । ଚିନିବୁହା ବଳଦଟିଏ ହୋଇ ରହିଗଲା । ଓଃ, ପୁଅର୍ ଚ୍ୟାପ୍ ।"

ଘରକୁ ଫେରି ସେଦିନ ରାତିରେ ଆଉ ଭଲ ନିଦ ହେଲାନି ସୌମିତ୍ରକୁ । ଡେଲି ଡୋଜରୁ ଦୁଇ ପେଗ୍ ଅଧିକ ନେଇ ଶୋଇବାକୁ ଚେଷ୍ଟାକଲା । ସନ୍ଧ୍ୟାରେ ସେ ଫେରିବା ବେଳଠାରୁ ସୋନାଲୀ ତା'ର ଅନ୍ୟମନସ୍କତା ଠିକ୍ ଲକ୍ଷ୍ୟ କରୁଥିଲା । ସ୍ୱାମୀର ଅନ୍ୟମନସ୍କତାର କାରଣଟି ଖୁବ୍ ସହଜରେ ବାହାର କରିନେଇପାରେ ସେ । ଆରମ୍ଭରୁ ସେ ଦେଖି ଆସୁଛି ସୌମିତ୍ର ଖୁବ୍ ସେନସିଟିଭ୍ । ସେ ସୁଖରେ ଯେତିକି ଉଲ୍ଲସିତ, ଦୁଃଖରେ ସେତିକି ଅଧୀର । ପରିବାରରେ ସଂପର୍କ ହୁଗୁଳା ଥିଲେ ପିଲାମାନେ ଏମିତି ବିଷୟାସକ୍ତ ଏବଂ ସ୍ୱାର୍ଥୀ ହୁଅନ୍ତି ଏକଥା ସେ ନିଜେ ଅନୁଭବ କରିଛି । ତେଣୁ ବାହାଘର ପର ଠାରୁ ସେ ନିଜ ସ୍ୱାମୀ ଆଉ ପିଲା ଦୁହିଁଙ୍କ ବ୍ୟତୀତ ଆଉ କାହାରି କଥା ଚିନ୍ତା କରିନାହିଁ କେବେ ବି । ସେଇଥିପାଇଁ ତ ସୌମିତ୍ର ଏତେ ମାତ୍ରାରେ ଅନୁଗତ ତା'ର । ପିଲାମାନେ ମଧ୍ୟ ପାପାଙ୍କ ଅପେକ୍ଷା ମାତାଙ୍କର ନିଷ୍ପତ୍ତି ଉପରେ ଗୁରୁତ୍ୱ ଦେଇଥାନ୍ତି । ଆଜି ଏ ଘରଦ୍ୱାର, କୋଠାବାଡ଼ି, ସୁନାଗହଣା, ସମେତ ଯାବତୀୟ ଐଶ୍ୱର୍ଯ୍ୟର ମାଲିକାଣି ସିଏ । ଟିକିଏ ଅଧିକ ପାଖକୁ ଲାଗି ଆସି ସୌମିତ୍ର ମୁଣ୍ଡରେ ଆଙ୍ଗୁଳିର ଚାଳନା କରୁ କରୁ ତା'ର ମଥାର ଓଠ ରଖିଲା ସୋନାଲି । କାନ ପାଖରେ ମଧୁର କଣ୍ଠରେ କହିଲା.....

"ବେବି ! ୟୁ ଆର୍ ଲୁକିଂ ସୋ ଡିପ୍ରେସଡ୍ ଟୁ ଡେ, ହ୍ୱାଟ୍ ହାପେଣ୍ଡ? ଏନିଥିଙ୍ଗ୍ ସିରିୟସ୍? ପ୍ଲିଜ୍ ଶେୟାର ଉଇଥ୍ ମି, ୟୁ ଉଇଲ ବି ରିଲାକସଡ୍, ଡୋଣ୍ଟ ବି ଷ୍ଟ୍ରେସଡ୍, ଟେକ୍ ଇଟ୍ ଇଜି ବେବି " ।

ପତ୍ନୀର ଆଶ୍ୱାସନା ଭରା କଥାରେ ମହମ ଭଳି ତରଳି ଗଲା ସୌମିତ୍ର । ଗୋଟି ଗୋଟି କରି କହିଗଲା ଆଜିର ଦୁଃଖର କାରଣ । ହୋ, ହୋ ହୋଇ ହସି ଉଠିଲା ସୋନାଲୀ, ସୌମିତ୍ରର ନାକକୁ ଧୀରେ ଚାପି ଦେଇ ଗେହ୍ଲେଇ ହୋଇ କହିଲା "ୟୁ ଆର୍ ସୋ ଚାଇଲଡ଼ିସ୍ ବେବି, ସମସ୍ତଙ୍କର ନିଜ ନିଜର ଭାଗ୍ୟ ଅଛି । ଜୀବନରେ ସମସ୍ତଙ୍କୁ ସମାନ ଫଳ ମିଳି ନଥାଏ । ଆଚ୍ଛା କହିଲ ଦେଖି, ତୁମ ହାତର ପାଞ୍ଚଟି ଯାକ ଆଙ୍ଗୁଠି କ'ଣ ସମାନ? ତେବେ ତୁମ ଦୁଇ ବନ୍ଧୁଙ୍କ ଭାଗ୍ୟ କେମିତି ସମାନ ହୋଇଥାନ୍ତା । ଦେବେଶ୍ ତାଙ୍କର ଭାଗ୍ୟଫଳ ଭୋଗ କରୁଛନ୍ତି ଆଉ ତୁମେ ତୁମର । ଏଥିରେ ଏତେ ଭାବୁକତାର ହେବାର କ'ଣ ଅଛି? ବି ଇଜି ମ୍ୟାନ୍, ଲାଇଫ୍ ଇଜ୍ ଲାଇକ୍ ଦିସ୍ । ଆଉ ଗୋଟିଏ କଥା ଶୁଣ, ତୁମେ ଏମିତି ଭାବପ୍ରବଣ ହୋଇ ଆଉ ସାଙ୍ଗକୁ କିଛି ଦେଇ ପକେଇବନି । ଏମିତି ତ ପିଲାମାନଙ୍କର ଷ୍ଟଡ଼ି ଲୋନ୍, ଆମର ହାଉସିଂ ଲୋନ୍, କାର୍ ଲୋନ୍ ଇତ୍ୟାଦି ଇତ୍ୟାଦି ଶୁଝିଲା ବେଳକୁ ଆମେ କଣ୍ଠାଗ୍ରତ ହେଉଛେ । ମାସ ଶେଷ ବେଳକୁ ହାତ ପୁରା ଖାଲି । ଭଲ ଶାଢ଼ୀ ଟିଏ କିଣିବାକୁ ହେଉ, କି ଭଲ ରେଷ୍ଟୁରାଣ୍ଟ୍ ଟିଏ ଯିବାକୁ ହେଉ, ମତେ ଶହେଥର ଭାବିବାକୁ ପଡୁଛି । ସେଥିରେ ତୁମର ଏସବୁ ନାଟକ ସମ୍ଭାଳିବା ପାଇଁ ମୋ'ର ଆଉ ଧୈର୍ଯ୍ୟ ନାହିଁ । ସାବଧାନ ଥିବ, ତୁମ ସମ୍ବେଦନଶୀଳତାରୁ ଯେମିତି କିଛି ଫାଇଦା ନ ଉଠାନ୍ତୁ ସିଏ "। ପତ୍ନୀର କଥା ଗୁଡ଼ିକ ଖୁବ୍ ଯୁକ୍ତିଯୁକ୍ତ ମନେ ହେଲା ସୌମିତ୍ରର । ସେ ସବୁ ଭାବନାକୁ ମୁଣ୍ଡରୁ ବାହାର କରି ଫୋପାଡ଼ି ଦେଇ ନିଶ୍ଚିନ୍ତ ହୋଇ ଶୋଇ ପଡ଼ିଲା ।

ଦୁଇ ତିନ ଦିନ ପରେ ଦିନେ ଅଫିସରୁ ଫେରି ସ୍ୱାମୀ ସ୍ତ୍ରୀ ଦୁହେଁ ବସି ଚାହା ପିଉଛନ୍ତି, ସେଇ ସମୟରେ ଆସିଲା ଦେବେଶ୍ର ଫୋନ୍ । "ଘରେ ଅଛୁ କିରେ ସୋମୁ ! ଏଇ ପଟ ଦେଇ ଯାଉଥିଲି ତ ତୋ'ର ଆପାର୍ଟମେଣ୍ଟ୍ ଆଖି ଆଗରେ ପଡ଼ିଲା, ଭାବିଲି ଭାଉଜଙ୍କୁ ଟିକେ ଦେଖା କରିଯିବି ।" ଫୋନ୍ରିସିଭର୍ ଉପରେ ହାତ ରଖି ସୌମିତ୍ର ଜଣାଇଦେଲା ସୋନାଲିକୁ ଦେବେଶ୍ ଚାହୁଁଛି ଘରକୁ ଆସିବାଲାଗି । ପ୍ରଚଣ୍ଡ ବିରକ୍ତିରେ ମୁହଁ ମୋଡ଼ିଲା ସୋନାଲି "ଦେଖିଲ ! ମୁଁ କହୁଥିଲି ନା' ଏମାନେ ଏମିତି ବୋଲି । ଟିକିଏ ସମବେଦନା ଦେଖାଇଲେ ପରା ଗୋଟାପଣେ ତୁମ ଉପରେ ସବାର ହୋଇଯିବେ । ଦେଖ, ଦିନ ଦୁଇଟା ନ ଯାଉଣୁ

ଟଙ୍କା ମାଗିବାକୁ ଆସି ହାଜର ହେଲେଣି । ସିଧା ସିଧା ମନା କରି ଦିଅ ତାଙ୍କୁ, ମୁଁ ଏଠି ନାହିଁ ବୋଲି ।" ଟିକିଏ ଥତମତ ହୋଇ ଭାବିଲା ସୌମିତ୍ର, ଏତେଦିନ ପରେ ବନ୍ଧୁଟି ଭେଟ ହୋଇଛି, ଏମିତି କେମିତି ମନା କରିଦେବ ତା'କୁ !? କ'ଣ ଭାବିବ ଦେବେଶ୍? ନା' ସିଏ ବରଂ ଆସୁ ଏଠିକି, ତାଙ୍କର ରହଣିଚଳଣି ଦେଖି ନିଜେ ହୃଦୟଙ୍ଗମ କରୁ ଯେ ସିଏ ଆଉ ସୌମିତ୍ରର ସମାସ୍କନ୍ଦ ହୋଇ ରହିନାହିଁ । ତା'ର ନିଜର ସ୍ଥାନ କଳନା କରି ସିଏ ନିଜେ ବଳେ ଦୂରେଇ ଯିବ ତା'ଠାରୁ । ତା' ହେଲେ ସାପ ମରିବନି କି ବାଡ଼ି ଭାଙ୍ଗିବନି । ସେଇ କଥା ମନରେ ସ୍ଥିର କରି ସେ ଫୋନ୍‌ରେ କହିଲା "ହଁ, ହଁ, ଏଇ ତ ସାଙ୍ଗେ ସାଙ୍ଗେ ଆସି ପହଞ୍ଚିଲି ଅଫିସ୍‌ରୁ, ଆ' ଉପରକୁ ଆ' । ଫ୍ଲାଟ ନମ୍ବର ଚାରିଶହ ଦଶ, ଚତୁର୍ଥ ମହଲା, ଲିଫଟ୍ ଅଛି, ସିକ୍ୟୁରିଟିକୁ ମୋ' କାର୍ଡ୍ ଦେଖେଇବୁ, ସେ ଛାଡ଼ିଦେବ । ଚିରେଇତା ଖାଇଲା ଭଳିଆ ମୁହଁ କରି ଚାହା କରିବାକୁ କିଚେନ୍ ଭିତରକୁ ଚାଲିଗଲେ ସୋନାଲି ।

କିଛି ସମୟ ପରେ ଧଇଁ ସଇଁ ହୋଇ ଦୁଇ ହାତରେ ଦୁଇଟି ବଡ଼ ବଡ଼ ବ୍ୟାଗ୍ ଝୁଲାଇ ଆସି ପହଞ୍ଚିଲା ଦେବେଶ୍ । କବାଟ ଖାଲି ରଖି ଠିଆ ହୋଇଥିଲା ସୌମିତ୍ର । ଦେବେଶର ମୁହଁରେ ସେଇ ଚିରାଚରିତ ହସ ଲାଖି ରହିଛି । ବ୍ୟାଗ୍ ଦୁଇଟା ତଳେ ଥୋଇ ଦେଇ କୋଳେଇ ନେଲା ସୌମିତ୍ରକୁ । କହିଲା "ଭାଇରେ! ତୁମ ବଡ଼ବଡ଼ିଆଙ୍କ ଆଦବକାଇଦା ସବୁ ଅଲଗା । ଗେଟ୍ ପାଖରେ ବସିଥିବା ତୋ' ସିକ୍ୟୁରିଟି କହିଲା, ଆଗ ବ୍ୟାଗ୍ ଯାଞ୍ଚ ହେବ, ତେବେ ଯାଇ ଭିତରକୁ ଛାଡ଼ିବି । ଯେତେ କହିଲି ଏଥିରେ କିଛି ନାହିଁ, ଦୁଇ ଚାରିଟା କଞ୍ଚା ପାଚିଲା ଅମୃତଭଣ୍ଡା, ଦି'ପେଣା ଦେଶୀ କଦଳୀ ଆଉ ନଡ଼ିଆ ପୁଞ୍ଜୀଏ ଅଛି, ମୋଟେ ମାନିଲା କି ! ସବୁ ଗୋଟା ଗୋଟା କରି କାଢ଼ି ତଳେ ଥୋଇଲା, ପୁଣି ବ୍ୟାଗ୍‌ରେ ଭର୍ତ୍ତି କଲା, ସେଇଆକୁ ଧରି ଏ ପାଞ୍ଚ ମହଲା ଶିବିରରେ ଚଢ଼ି ଆସିଲି । ନେଲୁ, ନେଲୁ, ଏତକ ଭାଉଜଙ୍କୁ ଦେ' ରଖିଦେବେ । ଆରେ ଏଗୁଡ଼ିକ ପରା ଘର ଜିନିଷ, ତୁ ଏଠି କୋଉଠି ପାଉଥିବୁ? ସବୁ ସାରଦିଆ ଜିନିଷ କିଣି ଖାଉଥିବୁ ବଜାରରୁ ।"

ବନ୍ଧୁକୁ ଡ୍ରଇଁରୁମ୍‌ର ମୋଟାଗଦିବାଲା ସୋଫା ଉପରେ ବସାଇଦେଇ ଘର ଭିତରକୁ ସୋନାଲିକୁ ମନେଇବାକୁ ଚାଲିଗଲା ସୌମିତ୍ର । ଦେବେଶ୍ ବସି ବସି ଦେଖୁଥିଲା ଘରର ସାଜସଜ୍ଜା । ଖୁବ୍ ଦାମୀ ଫର୍ଣ୍ଣିଚର, ସୁନ୍ଦର ପରଦା, ଛାତରୁ ଖୋଲୁଥିବା ଆଲୁଅ ଝଡ଼, ଦାମୀ ୱାଲ୍ ପେଣ୍ଟିଂ, ହୋମ୍ ଥିଏଟର୍, ସେମାନଙ୍କ ପସନ୍ଦକୁ ତାରିଫ୍ କରୁଥିଲା ମନେମନେ । ପତ୍ନୀକୁ କୌଣସି ପ୍ରକାରେ ମନେଇ ସୌମିତ୍ର ଆସି ବସିଲା ଦେବେଶ୍ ପାଖରେ । ନିଜର, ନିଜ

ପିଲାମାନଙ୍କର, ନିଜର ଅଫିସର ବ୍ୟବସାୟିକ କାରବାର ଇତ୍ୟାଦି ଇତ୍ୟାଦି ପ୍ରୌଢ଼ି ବଖାଣି ଦେବେଶକୁ ଜଣାଇ ଦେବାକୁ ଚାହୁଁଥିଲା ସେ ଦେବେଶ ଅପେକ୍ଷା କେତେ ଉପରେ । ହେଲେ ଦେବେଶର ସେଥିପ୍ରତି କୌଣସି ଆଗ୍ରହ ନଥିବାର ଲକ୍ଷ୍ୟ କରି ଚୁପ୍‌ରହିଲା ସୌମିତ୍ର । ସୋନାଲି ଔପଚାରିକ ଭାବରେ ଚାହା ଆଉ ପକୁଡ଼ି ଆଣି ପରଶି ଦେଲା ସେମାନଙ୍କୁ । ଜଳଖିଆ ଖାଇବା ପରେ ବିନମ୍ରତାର ସହିତ ସେମାନଙ୍କୁ ଧନ୍ୟବାଦ ଜଣାଇ କେବେ ସମୟ ସୁବିଧା ଦେଖି ନିଜ ଘରକୁ ଆସିବା ଲାଗି ନିମନ୍ତ୍ରଣ ଜଣାଇ ଫେରିଗଲା ଦେବେଶ ।

ପରବର୍ତ୍ତୀ ମାସରେ ଦଶହରା ପାଇଁ ଖୁବ୍ କାମ ବଢ଼ିଯାଏ ଯାଇଥିଲା ସୌମିତ୍ରର । ଦୁଇ ଦିନ ପରେ ହେଡ୍ ଅଫିସ୍‌ରେ ଥିଲା କମ୍ପାନୀର ବୋର୍ଡ୍ ମିଟିଂ, ସେଥିପାଇଁ ଆନୁସଙ୍ଗିକ କାଗଜପତ୍ର, ଷ୍ଟେକ୍ ହୋଲ୍ଡରମାନଙ୍କ ପାଇଁ ଗିଫ୍ଟ ଇତ୍ୟାଦି ବ୍ୟବସ୍ଥା କରିବାରେ ବ୍ୟସ୍ତ ରହିଲା ସେ । ବୋର୍ଡ୍ ମିଟିଂ ସରିବା ପରେ ହେଡ୍ ଅଫିସରୁ ନିର୍ଦ୍ଦେଶ ଆସିଲା ଭୁବନେଶ୍ୱରର ଜଣେ ଷ୍ଟେକ୍ ହୋଲ୍ଡର୍ କୌଣସି ଅନିବାର୍ଯ୍ୟ କାରଣବଶତଃ ଅନୁପସ୍ଥିତ ରହିଥିବା ହେତୁ ବୋର୍ଡର ରିଜୋଲ୍ୟୁସନରେ ତାଙ୍କର ଦସ୍ତଖତ କରାଇ ଆଣି ସ୍କାନ୍ କରି ଦୁଇ ଘଣ୍ଟା ମଧ୍ୟରେ ପୁନଶ୍ଚ ପଠାଇବାକୁ ପଡ଼ିବ ସୌମିତ୍ରକୁ । ଡାଇରେକ୍ଟରଙ୍କ ବାସସ୍ଥାନର ଠିକଣା ମଧ୍ୟ ଜଣାଇ ଦିଆଗଲା । ତୁରନ୍ତ ନିଜର କାର୍ ଧରି ବାହାରିଗଲା ସୌମିତ୍ର । ଜିପିଏସ୍ ଅନ୍ କରି ଗୁଗୁଲ୍ ମ୍ୟାପ୍ ଦେଖି ଦେଖି ଡାଇରେକ୍ଟରଙ୍କ ଠିକଣାରେ ପହଞ୍ଚିଲା ସେ । "ଦେବାଶ୍ରମ" ଆପାର୍ଟମେଣ୍ଟର ସୁଦୃଶ୍ୟ ଛଅ ମହଲା ବିଲ୍ଡିଂ ଖୋଜିବା ପାଇଁ ବିଶେଷ ପରିଶ୍ରମ କରିବା ପାଇଁ ପଡ଼ିଲା ନାହିଁ ତା'କୁ । ସାମନା ଗେଟରେ ଥିବା ସିକ୍ୟୁରିଟି ଗାର୍ଡକୁ ନିଜର ପରିଚୟ ଦେଇ ଶ୍ରୀମତୀ ଦୀପାଳୀ ମିଶ୍ରଙ୍କ ଫ୍ଲାଟ୍ ନମ୍ବର କେତେ ବୋଲି ପଚାରିଲା ସୌମିତ୍ର । ସମ୍ମାନ ଜଣାଇ ଅଳ୍ପ ହସି କହିଲା ସିକ୍ୟୁରିଟି ଗାର୍ଡ୍ "ସାର୍! ଯିଏ ବି ମାଡ଼ାମ୍‌ଙ୍କୁ ଖୋଜିବା ପାଇଁ ଆସନ୍ତି, ସିଏ ଏଇ ଭ୍ରମରେ ପଡ଼ନ୍ତି, ଏଇ ଆପାର୍ଟମେଣ୍ଟଟି ସିନା ମାଡ଼ାମଙ୍କର ହେଲେ ସିଏ ଏଠି ରୁହନ୍ତି ନାହିଁ, ଏଇ ରାସ୍ତା ଆର ପଟେ ଦେଖୁଛନ୍ତି ଯେଉଁ ଘରଟି ସେଇଠି ରୁହନ୍ତି ସିଏ । ଆପଣ ସେଇ ପଟକୁ ଯାଆନ୍ତୁ, ବ୍ୟସ୍ତ ହେବେନି ସାର୍ ! ସେ ଘରର ଗେଟ୍ ସବୁବେଳେ ଖୋଲାଥାଏ, କେବଳ ଉପର ହୁକ୍ ଟି ପଡ଼ିଥାଏ, ସେଇଟି ଖୋଲିଲେ ଗେଟ୍ ଭିତରେ ଘାସର ଲନ୍, ଦୁଇ ପଟ ଯାକ ବିରାଟ ଫୁଲ ଆଉ ଯାବତୀୟ ପନିପରିବାର ବଗିଚା, ବଗିଚା ଟପିଲେ ଯେଉଁ ଏକ ମହଲା ଘରଟି ଦିଶିବ ସେଇଠି ରହନ୍ତି ମାଡ଼ାମ । ସେ ଘରର ଦ୍ୱାର ମଧ୍ୟ ସବୁବେଳେ ଖୋଲା, ଠିକ୍ ଆମ ସାର୍ ଆଉ ମାଡ଼ାମଙ୍କ ହୃଦୟ ଭଳି । ତାଙ୍କର ପିଲାମାନେ ତ ସମସ୍ତେ

ବାହାରେ, ବାବୁ ଆଉ ମା' ସେଇଠି ବଗିଚା କାମ କରୁଥିବେ ନହେଲେ ପଛ ବାଡ଼ିରେ ଗଛମାନଙ୍କ ସେବା କରୁଥିବେ । ନିଶ୍ଚୟ ଦେଖା ହୋଇଯିବେ "। ସିକ୍ୟୁରିଟି ଗାର୍ଡଟି ପୁଣି ଥରେ ସମ୍ମାନ ଜଣାଇ ଗେଟ୍ ବନ୍ଦ କଲା । ରାସ୍ତା ଆରପଟେ ଯାଉ ଯାଉ ସୌମିତ୍ର ଭାବୁଥିଲା ଏ ଡାଇରେକ୍ଟର୍ ଜଣକ ପାଗଳ ନା' କ'ଣ? ଏଡ଼େ ସୁନ୍ଦର ସୁଦୃଶ୍ୟ ଆପାର୍ଟମେଣ୍ଟ୍ ଛାଡ଼ି ସେ ପୁରୁଣା କାଳିଆ ଘରେ ପଡ଼ି ରହିଛି ! ସେ ଯାହା ହେଉ, ତା'କୁ ଦିଆ ଯାଇଥିବା କାମ ତ ନିଶ୍ଚୟ କରିବାକୁ ପଡ଼ିବ ଭାବି ସେଇ ପୁରୁଣାକାଳିଆ ଘରର ଗେଟ୍ ଖୋଲି ଭିତରକୁ ପଶିଲା ସେ । ଲନର ସୁନ୍ଦର ଘାସ ଗାଲିଚା, ତା' ଭିତରେ ଗୋଟିଏ ପଟେ ନାନା ଜାତି ଫୁଲଗଛ ଭର୍ତ୍ତି । ସଜଫୁଲର ବାସ୍ନାରେ ମହକି ଉଠୁଥିଲା ଚତୁର୍ଦ୍ଦିଗ । ଅନ୍ୟ ପଟରେ ଭେଣ୍ଡି, ଜହ୍ନି, କାକୁଡ଼ି, କଲରାର ରଞ୍ଜା, ପଟାଳି ହୋଇ ଲାଗିଛି କୋଶଳା ଶାଗ, ଧନିଆପତ୍ର ଆଉ ଲଙ୍କା ଗଛ । ସୌମିତ୍ରକୁ ଲାଗୁଥିଲା ଯେମିତି ତାଙ୍କର ଗାଆଁ ଘରେ ପହଞ୍ଚି ଯାଇଛି ସେ ! ଗାଆଁର ସ୍ମୃତି ଧୀରେ ଧୀରେ ଉଜ୍ଜୀବିତ ହୋଇ ଉଠୁଥିଲା ତା' ମନରେ, ମନ ଫେରି ଯାଉଥିଲା ଅତୀତକୁ । ଅନ୍ୟମନସ୍କତା ଭିତରେ ସେ ବଗିଚା ଡେଇଁ ଘର କବାଟ ପାଖରେ ପହଞ୍ଚି ଯାଇଥିଲା । ବାହାରକୁ ଚାହିଁ କଲିଂ ବେଲ୍‌ର ସୁଇଚ୍ ଟିଏ ଖୋଜି ନିରାଶ ହେଲା । କବାଟରେ ହାତ ମାରି ଦେଖିଲା, ସତକୁ ସତ କବାଟ ଖୋଲା ଅଛି । ଘର ଭିତରକୁ ପଶି ଦେଖିଲା ସାଧାରଣ ବୈଠକଖାନା ଟିଏ । ଟେବୁଲ୍ ଚେୟାର୍ ସହିତ ସାଧାରଣ ସୋଫାସେଟ୍ ଟିଏ ପଡ଼ିଛି । ଟେବୁଲ୍‌ର ସଫେଦ୍ କଭର୍ ଉପରେ ରଖାଯାଇଛି ଡେସ୍କଟପ୍ ସହିତ ଲାପଟପ୍ ଟିଏ । ପାଖରେ ରହିଛି ଏଇ କିଛିଦିନ ତଳେ ସେ ତାଙ୍କର କମ୍ପାନୀର ଷ୍ଟକ୍ ହୋଲଡ଼ରମାନଙ୍କ ପାଇଁ କିଣିଥିବା ଗିଫ୍ଟଟି । ଏଥର ସେ ନିଜେ ଡାଇରେକ୍ଟରଙ୍କ ପାଇଁ ଆଣିଥିବା ବଡ଼ ଫ୍ଲାୱାର୍‌ର ବୁକେ ଟିକୁ ସେଇ ଟେବୁଲ୍ ଉପରେ ରଖି ନିଜେ ଆସି ରଖିଲା ସେଇଠି ଏବଂ ସୋଫା ଉପରେ ବସିବା ଘରେ ନିଜର ଉପସ୍ଥିତି ଜଣାଇବା ଲାଗି ଟିକିଏ ଶବ୍ଦ କରି କାଶିଲା । ତା'ର କାଶିବା ଶବ୍ଦ ଶୁଣି ଘର ଭିତରପଟୁ କାହାର ଆସିବାର ପଦଧ୍ୱନି ଶୁଭିଲା । ଅଳ୍ପ ସମୟ ମଧ୍ୟରେ ବୈଠକଖାନାର ପରଦା ଆଡ଼େଇ ଯିଏ ପ୍ରବେଶ କଲେ ତାଙ୍କୁ ଦେଖି ସର୍ପାହତ ଭଳି ଚମକି ଉଠିଲା ସୌମିତ୍ର । ସାଧାରଣ କୁର୍ତ୍ତା ପାଇଜାମା ପିନ୍ଧି କାନ୍ଧରେ ପଡ଼ିଥିବା ଗାମୁଛାରେ ହାତ ପୋଛି ପୋଛି ଆସୁଥିଲା ଦେବେଶ୍ । ସୌମିତ୍ରକୁ ନିଜ ଘରେ ଦେଖି ଭା ବିହ୍ୱଳିତ ହୋଇ ଭିତରକୁ ଚାହିଁ ଡାକ ପକାଇଲା ସେ - "ଆରେ ଦୀପାଳୀ ! ଆସ ଦେଖିବ କିଏ ଆସିଛି ଆମ ଘରକୁ । ସେଦିନ ମୁଁ ତମକୁ କହିଥିଲି ନା ମୋ ପ୍ରିୟ ବନ୍ଧୁ ସୌମିତ୍ର କଥା ।

ଦେଖ ଆଜି ସୋମୁ ନିଜେ ଆସି ପହଞ୍ଚିଛି ଆମ ଘରେ, ଆମକୁ ସାକ୍ଷାତ କରିବା ପାଇଁ । କହୁଥିଲି ନା' ସୋମୁ ଆମର କେତେ ସ୍ନେହୀ, କେତେ ଭଲପାଏ ମତେ । ଦେଖ ଆଜି ଅଫିସ୍ ଟାଇମରେ ମଧ୍ୟ ସେ ସମୟ ବାହାର କରି ଆସିଛି ଆମକୁ ଭେଟିବାକୁ ।" ପାଖକୁ ଆସି ସୌମିତ୍ରକୁ କୋଳେଇ ନେଲା ଦେବେଶ୍ । ଖୁସିରେ କହିଲା - "ଏତେ ଦିନ ପରେ ଆସିଛୁ, ବସ୍ ଏଠି ଦି'ଘଣ୍ଟା । ତୋ' ଭାଉଜ ଖୁବ୍ ସୁନ୍ଦର ରୋଷେଇ କରେ, ତା' ହାତ ରନ୍ଧା ଖାଇକି ଯିବୁ । ଆରେ ଆମ ବାଡ଼ିରେ ସଜନାଛୁଇଁ ଭଜା ଆଉ ତୋ' ଭାଉଜ ହାତର ବଢ଼ି ଥରେ ଖାଇଲେ ସାରା ଜୀବନ ଝୁରୁଥିବୁ ମ !"

ଘର ଭିତରୁ ବାହାରି ଆସିଲେ ଜଣେ ମଧ୍ୟବୟସ୍କା ମହିଳା । ସାଧାରଣ ସମ୍ବଲପୁରୀ ଶାଢ଼ୀରେ ସେ ଦିଶୁଥିଲେ ଦେବୀ ଟିଏ ଭଳି ଉଦାର, ଉଜ୍ଜ୍ୱଳ ରଙ୍ଗର ମୁହଁରେ ତାଙ୍କର ବଡ଼ ନାଲି ସିନ୍ଦୂର ଟୋପା ଟି ଖୁବ୍ ମାନୁଥିଲା ତାଙ୍କୁ । ମୁହଁରେ ଲାଖି ରହିଥିଲା ଆତ୍ମୀୟତାର ହସଧାରେ । ସୌମିତ୍ରଙ୍କୁ ଦେଖି ମଥାର ଓଢ଼ଣାଟି ସଜାଡ଼ି ସେ ଦୁଇ ହାତ ଯୋଡ଼ି ନମସ୍କାର ଜଣାଇଲେ । ସୌମିତ୍ର ଆଖିରେ ପଲକ ପଡୁନଥିଲା, ହତଚକିତ ହୋଇ ସେ କେବେ ଦେବେଶକୁ ଚାହୁଁଥିଲା ତ କେବେ ଦୀପାଳିକୁ । ତା'ର ବିଶ୍ୱାସ ହେଉ ନଥିଲା ଯେ ତାଙ୍କ କମ୍ପାନୀର ଶତକଡ଼ା ଅଠତିରିଶଭାଗ ଅଂଶଧନର ମାଲିକାଣି ତା'ର ବନ୍ଧୁ ଦେବେଶର ପତ୍ନୀ ଦୀପାଳୀ !! ସେମାନଙ୍କର ପୁଣି ରାଜଧାନୀରେ ଏବତେବଡ଼ ଆପାର୍ଟମେଣ୍ଟ୍ ଟିଏ ଅଛି । ଦେବେଶ୍ ତ ସେଦିନ କହିଥିଲା ତା'ର ପିଲାମାନେ ତ ଉଚ୍ଚଶିକ୍ଷିତ, ସ୍ୱାବଲମ୍ବୀ ଏବଂ ଭାରତର ବିଭିନ୍ନ ମେଟ୍ରୋ ସିଟିମାନଙ୍କରେ ନିଜ ନିଜର କ୍ଷେତ୍ରରେ ପ୍ରତିଷ୍ଠିତ । ଏତେ ସଂପତ୍ତିର ମାଲିକ ହୋଇ ମଧ୍ୟ ସେମାନେ ଏତେ ସାଧାରଣ ଜୀବନ ଯାପନ କରୁଛନ୍ତି । ସେମାନଙ୍କ ମନରେ ତିଳେ ହେଲେ ସେଇ ଐଶ୍ୱର୍ଯ୍ୟ କି ପଦ ପଦବୀର ଅହଂକାର ନାହିଁ । ଅଥଚ ସେ.... ଆଉ ତା'ର ପତ୍ନୀ ସୋନାଲି ...?? ନିଜକୁ ଦେବେଶ୍ ସମ୍ମୁଖରେ ନିହାତି ନ୍ୟୁନ ମନେ କରୁଥିଲା ସୌମିତ୍ର । ଦୀପାଳିକୁ ମାଡ଼ାମ୍ ଡାକିବ କି ଭାଉଜ, ଆଉ କେମିତି ଅଫିସ୍ କଥା କହିବ ଚିନ୍ତା କରି ପାରୁନଥିଲା ସେ । ଦେବେଶ୍ କିନ୍ତୁ ଚିରାଚରିତ ଢଙ୍ଗରେ ଗପି ଚାଲିଥିଲା ଅନର୍ଗଳ । ସୌମିତ୍ର ହାଣକୁ ଗଲା ଛେଳି ଭଳି ତା' ପଛେ ପଛେ ଚାଲୁଥିଲା ।

ଘଣ୍ଟାଟି ମଧ୍ୟରେ ରନ୍ଧା ବଢ଼ା ସାରି ଖୁବ୍ ଆଦର ଯତ୍ନରେ ଦୁଇ ବନ୍ଧୁଙ୍କୁ ବଳେଇ ବଳେଇ ଖୁଆଇଲେ ଦୀପାଳି, ଠିକ୍ ଗାଆଁର ସାଧାରଣ ବୋହୂଟିଏ ଭଳି । ତା'ପରେ ବାସନ କୁସନ ଉଠେଇ ନେଇ ରୋଷେଇ ଘରେ ରଖି ଦେଇ ଆସି ବସିଲେ ଲାପଟପ୍ ପାଖରେ । ସିଷ୍ଟମ୍

ଅନ୍ କରି କ'ଣ ସବୁ ଦେଖିବା ପରେ ସୌମିତ୍ରକୁ ଚାହିଁ କହିଲେ "ସରି ସୌମିତ୍ର ବାବୁ ! ଇନଫ୍ରା ଚେୟାରର ବୋର୍ଡ୍ ମିଟିଂ ଏଇ କୋଭିଡ୍ ଭୟରେ ଯୋଗ ଦେଇ ପାରିଲିନି । କମ୍ପାନୀର ମେସେଜ୍ ଆସିଛି, ସେମାନେ ଆପଣଙ୍କୁ ପଠାଇଛନ୍ତି ରିଜୋଲ୍ୟୁସନ୍ ଆଉ ପ୍ରୋସିଡ଼ିଂସରେ ମୋର ସିଗନେଚର୍ ନେବା ଲାଗି । ସରି ୱାନସ୍ ଏଗେନ୍ ଟୁ ଟ୍ରବୁଲ୍ ଇଉ ।" କମ୍ପାନୀ ଦେଇଥିବା କାମଟି କରାଇଲା ବେଳକୁ ଲଜ୍ଜାରେ ଭାଙ୍ଗି ପଡୁଥିଲା ସୌମିତ୍ର । କିଛି ଗୋଟାଏ ହଜେଇଦେଲା ଭଳି ଶୂନ୍ୟତାରେ ଭରି ଯାଉଥିଲା ତା'ର ହୃଦୟ । ବାରମ୍ବାର ତୁଳନା କରି ଚାଲିଥିଲା ସେ ନିଜକୁ, ସୋନାଲିକୁ ଆଉ ଦେବେଶ୍ ଦୀପାଳୀକୁ । ଯେତେ ଯେତେ ଭାବୁଥିଲା ସେତେ ସେତେ ଛୋଟ ହୋଇ ଯାଉଥିଲା ନିଜ ଭିତରେ ସଂକୁଚିତ ହୋଇ ପଡୁଥିଲା ଆହୁରି ଆହୁରି ।

ତା'କୁ ଲାଗୁଥିଲା ତା'ର ବନ୍ଧୁ ଦେବେଶ୍ ଗୋଟିଏ ଅତଳ ସାଗର, ଖୁବ୍ ଧୀର ସ୍ଥିର, ମର୍ଯ୍ୟାଦାବନ୍ତ, ନିଜର ଗଭୀରତା ବଜାୟ ରଖି ଶାନ୍ତିରେ ନିଶ୍ୱାସ ମାରୁଥିବା ହିରଣ୍ୟଗର୍ଭ ଟିଏ । ଆଉ ସେ .....?? ନିଜର ଆତ୍ମବଡ଼ିମାର ପ୍ରଚଣ୍ଡ ପ୍ରଦର୍ଶନ କରି ଉତ୍ତୁଙ୍ଗ ଲହଡ଼ିମାଳା ତୋଳି ଗର୍ଜନ କରି ଆସି ବେଳାଭୂମିରେ ମଥାପାତି ଲୀନ ହୋଇ ଯାଉଥିବା ଫେନିଳ ତରଙ୍ଗଟିଏ ମାତ୍ର । ଗଭୀର ଆତ୍ମଶ୍ଲାଘାରେ ଜର୍ଜରିତ ହୋଇ ସେମାନଙ୍କ ପାଖରୁ ବିଦାୟ ନେଇ ନିଜ କାର୍ ପାଖକୁ ଫେରିଲା ସୌମିତ୍ର ।

- ସୁଷମା ପରିଜା



ବିନୟ ମହାପାତ୍ରଙ୍କ

ଦୁଇଟି ବହି

(ଶୁଭପଲ୍ଲବ ଷ୍ଟୋର୍‌ରେ ଉପଲବ୍ଧ)

Buy Now!

ଶୁଭପଲ୍ଲବ ପ୍ରତି ଆପଣମାନଙ୍କର ଥିବା ଭଲ ପାଇବା ହିଁ ଆମ ପାଇଁ ପ୍ରେରଣା । ଆପଣାମାନଙ୍କର ପରାମର୍ଶରେ ଆରମ୍ଭ ହୋଇଥିଲା ଏହାର ଅଡ଼ିଓ ରେକର୍ଡ଼ିଂ କାର୍ଯ୍ୟ ଏବଂ ସଭିଙ୍କର ସହଯୋଗ ଫଳରେ ଆଜି ପୂର୍ବ ପ୍ରକାଶିତ ଲେଖାଗୁଡ଼ିକର ଅଡ଼ିଓ ଏବେ ଇଣ୍ଟରନେଟରେ ଖୋଲା ଭାବେ ଉପଲବ୍ଧ । ପୂର୍ବଥର ଭଳି ଏଥର ମଧ୍ୟ କିଛି ଭିନ୍ନ କରିବାର ପ୍ରଚେଷ୍ଟା କରିଛୁ ।

ଆପଣମାନଙ୍କର ଏହିଭଳି ଭଲପାଇବା ଆଶା କରୁଛୁ ଏହି ସଂସ୍କରଣ ପାଇଁ ଏବଂ ଅଡ଼ିଓ ରେକର୍ଡ଼ିଂ କାର୍ଯ୍ୟରେ ଆପଣମାନଙ୍କର ସହଯୋଗ ମଧ୍ୟ କାମନା କରୁଛୁ । ୟୁ-ଟ୍ୟୁବ୍‌ରେ ଅଡ଼ିଓ ଆସିବା ପରେ ଗପ ଶୁଣିବାକୁ ରୁଚି ରଖୁଥିବା କିମ୍ବା ଓଡ଼ିଆ ଲିପି ଭଲ ଭାବରେ ପଢ଼ିପାରୁନଥିବା ବନ୍ଧୁମାନଙ୍କ ସହ ସେୟାର କରିବାକୁ ଅନୁରୋଧ କରୁଛୁ । ଏଥିସହ ଯଦି କୌଣସି ଲେଖାର ରେକର୍ଡ଼ିଂ ଆପଣ ନିଜେ କରିବାକୁ ଚାହୁଁଥିବେ, ତେବେ ମୋବାଇଲେ ରେକର୍ଡ଼ିଂ କରି ଆମକୁ ଇ-ମେଲ୍ ମାଧ୍ୟମରେ ପଠାଇପାରିବେ ।

ସର୍ବୋପରି ଏହି ସଂସ୍କରଣର ପ୍ରକାଶିତ ଲେଖା ତଥା ପତ୍ରିକା ବିଷୟରେ ମତାମତ ଦେବାକୁ ଅନୁରୋଧ କରୁଛୁ । ଆମର ୱେବ୍‌ସାଇଟ୍‌ରେ ଲେଖା ପ୍ରକାଶ କରିବାକୁ ଇଚ୍ଛୁକ ଲେଖ୍‌କ/ଲେଖ୍‌କାମାନେ ଆମକୁ ଇ-ମେଲ୍ ଜରିଆରେ ପଠାଇପାରିବେ । ମେଲ୍ କରିବା ସମୟରେ ଠିକଣାର ବନାନକୁ ଧ୍ୟାନରେ ରଖି Text ଆକାରରେ ଲେଖି ସାଙ୍ଗରେ ଗୋଟିଏ ଫଟୋ ପଠାଇବାକୁ ଅନୁରୋଧ ।

ଇ-ମେଲ୍: shubhapallaba@gmail.com
ୟୁ-ଟ୍ୟୁବ୍: http://youtube.com/Shubhapallaba
ସୋସିଆଲ ମିଡ଼ିଆ: Facebook, twitter, Insta/@Shubhapallaba
ୱେବ୍‌ସାଇଟ୍: http://shubhapallaba.in
WhatsApp: +91 7008899643
©Shubhapallaba